୨୭ ସେପ୍ଟେମ୍ବର ୨୦୨୬ ରବିବାର



# ଟ୍ରାଡିସନାଲ୍ ଟ୍ରେଣ୍ଡ







**ଅଳଙ୍କାର କେବଳ ସୌନ୍ଦର୍ଯ୍ୟ ବୃଦ୍ଧିର ମାଧ୍ୟମ ନୁହେଁ, ବରଂ ବିଭିନ୍ନ ସଂସ୍କୃତି ଓ ଯୁଗ ଯୁଗର ଇତିହାସରେ ଏହା ନିଜର ସ୍ୱତନ୍ତ୍ର ପରିଚୟ, ସାମାଜିକ ପ୍ରତିଷ୍ଠା, ଆଧ୍ୟାତ୍ମିକ ବିଶ୍ୱାସ ଏବଂ ସମ୍ପର୍କର ଏକ ପ୍ରମୁଖ ସଙ୍କେତ ଭାବେ ଶୋଭା ପାଇଆସିଛି । ବିଶ୍ୱର ବିଭିନ୍ନ ସ୍ଥାନରେ ସେମାନଙ୍କର ପାରମ୍ପରିକ ଆଭୁଷଣର କାହାଣୀ ମଧ୍ୟ ଭିନ୍ନ ରହିଥାଏ ।**

ବିଶ୍ୱରେ ପିଢି ପରେ ପିଢି ଏଭଳି ଅନେକ ଗହଣା ରହିଥାଏ ଯାହା ବଂଶଗତ ଭାବେ ବ୍ୟବହାର ହୋଇଥାଏ ଏବଂ ଏହା କିଛି ନା କିଛି ମୂଲ୍ୟବୋଧକୁ ସଙ୍କେତ ଦେଇଥାଏ । ଯେଉଁଠାରେ ହାର ବିବାହର ସଙ୍କେତ, କଙ୍କଣ ସୁରକ୍ଷାର କବଚ ଏବଂ ମୁଦି ପିଢ଼ି ପରେ ପିଢ଼ି ପାରିବାରିକ ଇତିହାସକୁ ଜୀବନ୍ତ ରଖିଥାଏ । ଭାରତୀୟ ସୁନା ବିବାହ ସେଟ୍‌ଠାରୁ ଆରମ୍ଭ କରି ଆମେରିକାର ନାଟିଭ୍ ଟର୍କୋଏଜ୍ (ଫିରୋଜା), ଆଫ୍ରିକୀୟ ପୋତ ମାଳିର ଶିଳ୍ପକଳା ଏବଂ ସେଲ୍ଟିକ୍ ନଟ୍ସ ଶୈଳୀ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରାଚୀନ ଗହଣା ଏକ ନିର୍ଦ୍ଦିଷ୍ଟ ସମୁଦାୟର ଶତାବ୍ଦୀ ପୁରୁଣା ମୂଲ୍ୟବୋଧ, ବିଶ୍ୱାସ ଓ ପ୍ରଥାକୁ ପ୍ରତିଫଳିତ କରିଥାଏ । ଏହି ଗହଣା ଗୁଡିକର ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ, ଶୈଳୀ ବେଶ ନିଆରା ଥାଏ । ପାରମ୍ପରିକ ଅଳଙ୍କାର କହିଲେ ଗଭୀର ସାଂସ୍କୃତିକ ଓ ଆଧ୍ୟାତ୍ମିକ ମହତ୍ତ୍ୱ ବହନ କରୁଥିବା ଏବଂ ପ୍ରାଚୀନ ଐତିହ୍ୟ ଶୈଳୀରେ ନିର୍ମିତ ବିଶେଷ ଗହଣାକୁ ବୁଝାଇଥାଏ । ତେବେ ଏହି ସମସ୍ତ ଗହଣା ମୁଖ୍ୟତଃ ହାତ ତିଆରି ହୋଇଥାଏ ଏବଂ ବଂଶାନୁକ୍ରମେ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ହସ୍ତାନ୍ତର ହୋଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉତ୍ସବ, ପର୍ବପର୍ବାଣି ଓ ପରିଚୟର ପ୍ରତୀକ ଭାବେ ପିନ୍ଧାଯାଇଥାଏ ।

## ଗୁରୁତ୍ୱତା

**ହସ୍ତଶିଳ୍ପ :** ବାପା-ମାଆଙ୍କଠାରୁ ଶିଖିଥିବା ପ୍ରାଚୀନ ଶୈଳୀରେ ଦକ୍ଷ କାରିଗରମାନେ ଏହାକୁ ନିଜ ହାତରେ ପ୍ରସ୍ତୁତ କରିଥାନ୍ତି ।













**ପ୍ରତୀକାତ୍ମକ ଅର୍ଥ :** ଏହାର ନକ୍ସାଗୁଡ଼ିକ ସାଂସ୍କୃତିକ ବିଶ୍ୱାସ, ଧାର୍ମିକ ପରମ୍ପରା ଓ ସାମାଜିକ ଭୂମିକାକୁ ଦର୍ଶାଇଥାଏ ।

**ଆନୁଷ୍ଠାନିକ ବ୍ୟବହାର :** ବିବାହ, ବ୍ରତପନୋୟନ ଓ ଅନ୍ୟାନ୍ୟ ଧାର୍ମିକ ଉତ୍ସବରେ ଏହା ପିନ୍ଧାଯାଏ ।

**ଐତିହ୍ୟ ମୂଲ୍ୟବୋଧ :** ଏହା ଉତ୍ତରାଧିକାର ସୂତ୍ରରେ ମିଳୁଥିବାରୁ ପରିବାରର ଇତିହାସ ଓ ସ୍ମୃତିକୁ ସାଙ୍ଗରେ ବହନ କରିଥାଏ ।

## ବିଶେଷ ସାମଗ୍ରୀ

ଯଦିଓ ଅଳଙ୍କାରର ଶୈଳୀ ଭିନ୍ନ ଭିନ୍ନ ହୋଇଥାଏ, କିନ୍ତୁ କେତେକ ବିଶେଷ ସାମଗ୍ରୀ ପ୍ରାୟ ସବୁ ପରମ୍ପରାରେ ଦେଖିବାକୁ ମିଳେ । ସୁନା ଏବଂ ରୂପା ଧାତୁ ସେଗୁଡ଼ିକର ସୌନ୍ଦର୍ଯ୍ୟ ଓ ସ୍ଥାୟିତ୍ୱ ପାଇଁ ମୂଲ୍ୟବାନ । ସେହିଭଳି ରତ୍ନପଥର ଯେପରି ଫିରୋଜା (ଟର୍କୋଏଜ୍), ପ୍ରବାଳ (କୋରାଲ୍), ଆମ୍ବର ଏବଂ ଜେଡ୍ ଆଧ୍ୟାତ୍ମିକ କିମ୍ବା ସୁରକ୍ଷାତ୍ମକ ଅର୍ଥ ବହନ କରନ୍ତି । ଗହଣାରେ ପ୍ରାକୃତିକ ଉପାଦାନ ଯେପରି ଶାମୁକା, ପୋତ ମାଳି , କାଠ ଅଳଙ୍କାରକୁ ପ୍ରାକୃତିକ ଜଗତ ସହିତ ଯୋଡ଼ିଥାଏ । ଆହୁରି ଏଥିରେ ଏନାମେଲ୍ ଏବଂ କାଚମଧ୍ୟ ରହିଥାଏ । ଯାହା ଧାତୁ କାମରେ ରଙ୍ଗ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟ ଯୋଡ଼ିଥାନ୍ତି ।

# ଏସିଆର ପାରମ୍ପରିକ ଅଳଙ୍କାର

## ଭାରତ

ଭାରତୀୟ ସଂସ୍କୃତିରେ, ବିଶେଷ କରି ବିବାହରେ ସୁନା ଗହଣାର ଗଭୀର ମହତ୍ତ୍ୱ ରହିଛି । କନ୍ୟାମାନେ ପ୍ରାୟତଃ ହାର, କାନଫୁଲ, ଚୁଡ଼ି ଏବଂ ସିନ୍ଥି ସହିତ ଆକର୍ଷଣୀୟ ସୁନା ସେଟ୍ ପିନ୍ଧିଥାନ୍ତି । ଏଗୁଡ଼ିକ କେବଳ ଆଭୂଷଣ ନୁହଁନ୍ତି, ଏଗୁଡ଼ିକ ଧନ, ସମୃଦ୍ଧି ଏବଂ ପରିବାରର ଆଶୀର୍ବାଦର ପ୍ରତୀକଭାବେ ବିବେଚିତ ହୋଇଥାଏ । ତେବେ ଏହି ଗହଣା ଗୁଡିକ ବିଭିନ୍ନ ପ୍ରକାରରେ ପ୍ରସ୍ତୁତ ହୋଇଥାଏ । ସେଥିମଧ୍ୟରୁ ଦୁଇଟି ହେଲା କୁନ୍ଦନ ଏବଂ ପୋଲକି ଦୁଇଟି ପ୍ରମୁଖ ଶୈଳୀ । କୁନ୍ଦନରେ ସୁନାରେ କାଚ ପଥର ଖଞ୍ଜାଯାଉଥିବା ବେଳେ ପୋଲକିରେ ଅକଟା ହୀରା ବ୍ୟବହୃତ ହୋଇଥାଏ । ଏହି ଉଭୟ କଳା ସତାବ୍ଦୀ ଶତାବ୍ଦୀ ପୁରୁଣା ଏବଂ ଏଥିପାଇଁ ଅସାଧାରଣ ଦକ୍ଷତା ଆବଶ୍ୟକ । ସେହିଭଳି ମଙ୍ଗଳସୂତ୍ର ହେଉଛି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅଳଙ୍କାର । ବିବାହିତ ହିନ୍ଦୁ ମହିଳାମାନଙ୍କ ଦ୍ୱାରା ପିନ୍ଧାଯାଉଥିବା ଏହି ହାର ଦାମ୍ପତ୍ୟ ବନ୍ଧନର ପ୍ରତୀକ । ଏହାର କଳା ଏବଂ ସୁନେଲି ମାଳିଗୁଡ଼ିକ ଗଭୀର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅର୍ଥ ବହନ କରନ୍ତି । ଏହି ତାଲିକାରେ ଆହୁରି ଅନେକ ଅଳଙ୍କାର ରହିଛି ।

## ଚୀନ୍

ଚୀନ୍ ସଂସ୍କୃତିରେ, ଜେଡ୍ (ପବିତ୍ର ସବୁଜ ପଥର) ପବିତ୍ରତା, ସୁରକ୍ଷା ଏବଂ ନୈତିକତାର ପ୍ରତୀକ ଅଟେ । ହଜାର ହଜାର ବର୍ଷ ଧରି, ସବୁ ସାମାଜିକ ବର୍ଗରେ ଜେଡ୍ ଗହଣାକୁ ଅତ୍ୟନ୍ତ ମୂଲ୍ୟବାନ ବୋଲି ବିବେଚନା କରିଥାଆନ୍ତି । ଜେଡ୍ ଚୁଡ଼ି ଏବଂ ଲକେଟ୍ ବିଶେଷ ଭାବରେ ଲୋକପ୍ରିୟ । ଯାହା ପ୍ରାୟତଃ ଗୁରୁତ୍ୱପୂର୍ଣ୍ଣ ଜୀବନ ପ୍ରସଙ୍ଗରେ ଉପହାର ଭାବରେ ଦିଆଯାଇଥାଏ । ଐତିହାସିକ ପୁସ୍ତକରୁ ଜଣାପଡ଼େ ଯେ ଚୀନ୍‌ର ରାଜବଂଶଗୁଡ଼ିକ ସୁନା ଅପେକ୍ଷା ଜେଡ୍‌କୁ ଅଧିକ ମୂଲ୍ୟ ଦେଉଥିଲେ । ସମ୍ରାଟମାନଙ୍କୁ ଜେଡ୍ ପୋଷାକ (ଜେଡ୍ ସୁଟ୍) ସହିତ କବର ଦିଆଯାଉଥିଲା, କାରଣ ସେମାନେ ବିଶ୍ୱାସ କରୁଥିଲେ ଯେ ଏହି ପଥର ସେମାନଙ୍କୁ ପରଲୋକରେ ସୁରକ୍ଷିତ ରଖିବ । ଆଜି ମଧ୍ୟ ଜେଡ୍ ସୌଭାଗ୍ୟ ଏବଂ ଦୀର୍ଘାୟୁର







ପ୍ରତୀକ ହୋଇ ରହିଛି । ଆଜି ମଧ୍ୟ ସେଠାରେ ଏହି ଗହଣାର ମହତ୍ୱ ସେତିକି ରହିଛି ।

## ମଧ୍ୟପ୍ରାଚ୍ୟ

ଆରବ ଉପଦ୍ୱୀପର ବେଦୁଇନ୍ ସମ୍ପ୍ରଦାୟ ଦୀର୍ଘ ଦିନରୁ ସ୍ୱତନ୍ତ୍ର ରୂପା ଅଳଙ୍କାର ପ୍ରସ୍ତୁତ କରିଆସୁଛନ୍ତି, ଯାହାର ନାଁ ହେଲା ବେଦୁଇନ୍ ରୂପା ଅଳଙ୍କାର । ରୂପା ମୁଦ୍ରାଗୁଡ଼ିକୁ ଏକାଠି ଗୁନ୍ଥି ପ୍ରସ୍ତୁତ କରାଯାଉଥିବା ମୁଦ୍ରା ହାର (କଏନ୍ ନେକ୍‌ଲେସ୍) ପାରମ୍ପରିକ ଭାବେ ଜଣେ ନାରୀର ଯୌତୁକ । ତାହାର ନିଜସ୍ୱ ସମ୍ପତ୍ତି ଭାବେ ଏହା କାର୍ଯ୍ୟ କରୁଥିଲା, ଯାହା ବିବାହ ପରବର୍ତ୍ତୀ ସମୟରେ ମଧ୍ୟ ତା'ର ନିଜର ହୋଇ ରହୁଥିଲା । ସୁରକ୍ଷାତ୍ମକ କବଚ ଏବଂ ତାବିଜ୍ ବେଦୁଇନ୍ ଅଳଙ୍କାରର ପ୍ରମୁଖ ବିଶେଷତା ଅଟେ । ଏହି ଗହଣାଗୁଡ଼ିକରେ ପ୍ରାୟତଃ କୋରାନର ଆୟାତ୍ କିମ୍ବା ବିପଦ ଆପଦରୁ ରକ୍ଷା କରିବାର ବିଶ୍ୱାସ ରଖୁଥିବା ଜ୍ୟାମିତିକ ନକ୍ସାଗୁଡ଼ିକ ସ୍ଥାନ ପାଇଥାଏ । ଏହି ଅଳଙ୍କାର ଗୁଡିକ ଦେଖିବାକୁ ଖୁବ ସୁନ୍ଦର ହୋଇଥାଆନ୍ତି ।

## ଆଫ୍ରିକା

କେନ୍ୟା ଏବଂ ତାଞ୍ଜାନିଆ ପୂର୍ବ ଆଫ୍ରିକାର ମାସାଇ ସମ୍ପ୍ରଦାୟର ଲୋକମାନେ



ଆକର୍ଷଣୀୟ ରଙ୍ଗ ବ୍ୟବହାର କରି ଚମତ୍କାର ପୋତ ମାଳି (ବିଡେଡ୍) ଅଳଙ୍କାର ପ୍ରସ୍ତୁତ କରନ୍ତି । ଏଥିରେ ବ୍ୟବହାର ହେଉଥିବା ପ୍ରତ୍ୟେକ ରଙ୍ଗ ଏକ ନିର୍ଦ୍ଦିଷ୍ଟ ଅର୍ଥ ବହନ କରେ, ଯେପରି ଲାଲ୍ : ସାହସ ଏବଂ ଶକ୍ତି, ନୀଳ : ଊର୍ଜା ଏବଂ ଆକାଶ, ସବୁଜ: ଜମି ଏବଂ ଉତ୍ପାଦନ, କମଳା : ଆତିଥେୟତା, ହଳଦିଆ : ପ୍ରଜନନ କ୍ଷମତା/ଉର୍ବରତା, ଧଳା : ପବିତ୍ରତା । ପୋତ ମାଳିର ହାରଗୁଡ଼ିକ ବୟସ, ବିବାହିତ ସ୍ଥିତି ଏବଂ ସାମାଜିକ ପ୍ରତିଷ୍ଠାକୁ ଦର୍ଶାଇଥାଏ । ଯୁବ ଯୋଦ୍ଧାମାନେ ବରିଷ୍ଠ ନାଗରିକଙ୍କ ଅପେକ୍ଷା ଭିନ୍ନ ନକ୍ସା ପିନ୍ଧନ୍ତି । ମହିଳାମାନେ ନିଜ ହାତରେ ଏହି ଗହଣାଗୁଡ଼ିକୁ ତିଆରି କରନ୍ତି, ଯାହା ମା'ଙ୍କଠାରୁ ଝିଅକୁ ହସ୍ତାନ୍ତର ହେଉଥିବା ଏକ କଳା ।

## ଉତ୍ତର ଆଫ୍ରିକା

ଉତ୍ତର ଆଫ୍ରିକାର ସାହାରା ମରୁଭୂମିର ଯାଯାବର ଜନଜାତି 'ତୁଆରେଗ୍' ସେମାନଙ୍କ ରୂପା ଗହଣା ପାଇଁ ବିଶ୍ୱପ୍ରସିଦ୍ଧ । ସେମାନଙ୍କର ସ୍ୱତନ୍ତ୍ର 'ତୁଆରେଗ୍ କ୍ରସ୍' ପେଣ୍ଡାଣ୍ଟ ବିଭିନ୍ନ ଆଞ୍ଚଳିକ ଶୈଳୀରେ ମିଳିଥାଏ । ଯାହା ଭିନ୍ନ ଭିନ୍ନ ଅଞ୍ଚଳର ପ୍ରତିନିଧିତ୍ୱ କରେ । ଏହି କ୍ରସ୍‌ଗୁଡ଼ିକ ଆତ୍ମରକ୍ଷାକାରୀ କବଚ ଏବଂ ନିଜ ସ୍ୱତନ୍ତ୍ର ପରିଚୟର ପ୍ରତୀକ ଭାବେ ବ୍ୟବହୃତ









ହୋଇଥାଏ। ତୁଆରେଗ୍ କାରିଗରମାନେ ରୂପାକୁ ନେଇ ଜଟିଳ ଓ ସୂକ୍ଷ୍ମ କାରୁକାର୍ଯ୍ୟ କରିଥାନ୍ତି, ଯେଉଁଥିରେ ପ୍ରାୟତଃ ଜ୍ୟାମିତିକ ନକ୍ସା ଦେଖିବାକୁ ମିଳେ । ଏହି ସୁନ୍ଦର ହସ୍ତକଳା ସେମାନଙ୍କ ଯାଯାବର ଜୀବନଶୈଳୀକୁ ପ୍ରତିଫଳିତ କରେ, ଯାହା ସହଜରେ ବୋହିନେବା ଯୋଗ୍ୟ, ସ୍ଥାୟୀ ଏବଂ ଗଭୀର ବ୍ୟକ୍ତିଗତ ଅନୁଭୂତି ସହ ଜଡ଼ିତ । ଏହା ସେମାନଙ୍କ ନିଆରା ଜୀବନଶୈଳୀର ସଙ୍କେତ ଭାବେ ବିବେଚନା କରାଯାଇଥାଏ ।

## ପଶ୍ଚିମ ଆଫ୍ରିକା

ପଶ୍ଚିମ ଆଫ୍ରିକାରେ ସୁନାର ଏକ ସ୍ୱତନ୍ତ୍ର ରାଜକୀୟ ମହତ୍ତ୍ୱ ରହିଛି। ଘାନାର 'ଆଶାନ୍ତି' ସମ୍ପ୍ରଦାୟର ଲୋକମାନେ 'ଗୋଲ୍ଡ ୱେଟ୍ସ' ବା ସୁନା ଓଜନିଆ ମାପକ ବିକଶିତ କରିଥିଲେ। ଯାହା ବ୍ୟବସାୟ-ବାଣିଜ୍ୟରେ ସୁନା ଗୁଣ୍ଡ ମାପିବା ପାଇଁ ବ୍ୟବହୃତ ହେଉଥିବା ପିତ୍ତଳର କ୍ଷୁଦ୍ର ଭାସ୍କର୍ଯ୍ୟ ଥିଲା । ଏହି ମାପକଗୁଡ଼ିକରେ ପ୍ରାୟତଃ ଲୋକବାଣୀ, ପ୍ରବାଦ କିମ୍ବା ସାଂସ୍କୃତିକ କାହାଣୀଗୁଡ଼ିକ ଚିତ୍ରିତ ହେଉଥିଲା। ପଶ୍ଚିମ ଆଫ୍ରିକାର ଅନେକ ରାଜତନ୍ତ୍ରରେ ରାଜକୀୟ ପୋଷାକ ଓ ଆଭୂଷଣ ମଧ୍ୟରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ସୁନା ଗହଣା ଅନ୍ତର୍ଭୁକ୍ତ । ସେଠାକାର ମୁଖିଆ ଏବଂ ରାଜାମାନେ ନିଜର କ୍ଷମତା, କର୍ତ୍ତୃତ୍ୱ ଦେଖାଇବା ପାଇଁ ଏବଂ ପୂର୍ବପୁରୁଷଙ୍କ ଦିବ୍ୟ ଶକ୍ତି ସହ ଯୋଡ଼ିହୋଇ ରହିବା ପାଇଁ ଏହି ସୁନା ଗହଣା ପରିଧାନ କରିଥାନ୍ତି ।

## ୟୁରୋପ

ଆୟରଲାଣ୍ଡ, ସ୍କଟଲାଣ୍ଡ ଏଠିକାର ସେଲ୍ଟିକ୍ ଗହଣା ସେମାନଙ୍କର ନଟୱାର୍କ ପାର୍ଟନ ପାଇଁ ପ୍ରସିଦ୍ଧ, ଯାହାର କୌଣସି ଆରମ୍ଭ କିମ୍ବା ଶେଷ ନଥାଏ । ଏହିସବୁ ନକ୍ସା ମୁଦି, ବ୍ରୋଚ୍ ଏବଂ ପେଣ୍ଡାଣ୍ଟଗୁଡ଼ିକରେ ଦେଖିବାକୁ ମିଳିଥାଏ । ଆୟରଲାଣ୍ଡର ପ୍ରସିଦ୍ଧ 'କ୍ଲାଡାଗ୍ ରୋଲ୍' କିମ୍ବା 'କ୍ଲାଡାଗ୍ ମୁଦି'ରେ ଦୁଇଟି ହାତ ଗୋଟିଏ ମୁକୁଟ ପିନ୍ଧା ହୃଦୟକୁ ଧରିଥିବାର ଦୃଶ୍ୟ ରହିଥାଏ । ଏହା ପ୍ରେମ, ନିଷ୍ଠା ଏବଂ ବନ୍ଧୁତାର ପ୍ରତୀକ । ଏହାକୁ କିପରି ପିନ୍ଧାଯାଉଛି, ତାହା ବ୍ୟକ୍ତିଙ୍କ ବୈବାହିକ କିମ୍ବା ସମ୍ପର୍କର ସ୍ଥିତିକୁ ସୂଚାଏ । ଡାହାଣ ହାତରେ ହୃଦୟଟି ବାହାର ପଟକୁ ମୁହଁ କରିଥିଲେ ସେ ଅବିବାହିତ ଅଟନ୍ତି ଏବଂ ବାମ ହାତରେ ହୃଦୟଟି ଭିତର ପଟକୁ (ନିଜ ଆଡ଼କୁ) ମୁହଁ କରିଥିଲେ ସେ ବିବାହିତ ଅଟନ୍ତିବୋଲି ସୂଚାଇଥାଏ । ଏଭଳି ପାରମ୍ପରିକ ଗହଣା ବିଶ୍ୱରେ ବିରଳ ।

## ସ୍କାଣ୍ଡାଭିଆନ

ଭାଇକିଙ୍ଗ୍ ସମୟର ଗହଣାଗୁଡ଼ିକ ବ୍ୟବହାରିକତା ସହ ପ୍ରତୀକାତ୍ମକତାର ସୁନ୍ଦର ସମନ୍ୱୟ ଥିଲା । ଭଗବାନ 'ଥର୍‌ଙ୍କ ହାତୁଡ଼ି' ପେଣ୍ଡାଣ୍ଟ ଆତ୍ମରକ୍ଷା ପ୍ରଦାନ କରୁଥିଲା ଏବଂ ଭଗବାନ ଥର୍‌ଙ୍କ ଶକ୍ତିକୁ ଆବାହନ କରୁଥିଲା । ବାହୁବଳୟ ବା ଆର୍ମ ରିଂ ଧନସମ୍ପତ୍ତିର ପରିଚୟ ଦେଉଥିଲା ଏବଂ ମୁଦ୍ରା ଭାବେ ମଧ୍ୟ ବ୍ୟବହୃତ ହେଉଥିଲା । ସେହିପରି ବ୍ରୋଚ୍ ଗୁଡ଼ିକ ଘୋଡ଼ାଇ ହେଉଥିବା ଚାଦର କିମ୍ବା ପୋଷାକକୁ ବାନ୍ଧି ରଖିବା ସହ ସାମାଜିକ ପ୍ରତିଷ୍ଠାକୁ ଦର୍ଶାଉଥିଲା । ନୋର୍ସ ପୌରାଣିକ କାହାଣୀ ଭାଇକିଙ୍ଗ୍ ଗହଣାକୁ ଗଭୀର ଭାବେ ପ୍ରଭାବିତ କରିଥିଲା । ପଶୁପକ୍ଷୀ, ରୁନ୍ ସାଙ୍କେତିକ ଲିପି ଏବଂ ଦେବତାମାନଙ୍କ ଚିତ୍ର










ପ୍ରାୟତଃ ଏଥିରେ ଦେଖିବାକୁ ମିଳୁଥିଲା, ଯାହାର ପ୍ରତ୍ୟେକଟି ଭାଇକିଙ୍ଗ୍ ବିଶ୍ୱାସ ସହ ଜଡ଼ିତ ସ୍ୱତନ୍ତ୍ର ଅର୍ଥ ବହନ କରୁଥିଲା ।

## ଇଟାଲି

ଭୂମଧ୍ୟସାଗରୀୟ ଅଞ୍ଚଳରେ ଲାଲ୍ ପ୍ରବାଳ ଶତାବ୍ଦୀ ଶତାବ୍ଦୀ ଧରି ଅତ୍ୟନ୍ତ ମୂଲ୍ୟବାନ ହୋଇରହିଛି । ଇଟାଲୀୟ ପରମ୍ପରାରେ, ପ୍ରବାଳ ଗହଣା 'ଖରାପ ନଜର'ରୁ ରକ୍ଷା କରେ ଏବଂ ସୌଭାଗ୍ୟ ଆଣିଥାଏ ବୋଲି ବିଶ୍ୱାସ କରାଯାଏ । ନବଜାତ ଶିଶୁମାନଙ୍କୁ ସୁରକ୍ଷା କବଚ ଭାବରେ ପ୍ରାୟତଃ ପ୍ରବାଳର ବ୍ରେସଲେଟ କିମ୍ବା ପେଣ୍ଡାଣ୍ଟ ଉପହାର ଦିଆଯାଇଥାଏ । ନାପୋଲି ଏବଂ ସିସିଲି ଅଞ୍ଚଳରେ ବିଶେଷ କରି, ସମୁଦ୍ରରୁ ପ୍ରବାଳ ସଂଗ୍ରହ କରିବା ଏବଂ ସେଥିରୁ ଗହଣା ତିଆରି କରିବା ପୁରୁଷ ପୁରୁଷ ଧରି ଏକ ସ୍ୱତନ୍ତ୍ର ଓ ବିଶେଷଜ୍ଞ ପେଷା ଭାବେ ଚାଲିଆସୁଛି ।

## ଆମେରିକା

ଆମେରିକାର ଦକ୍ଷିଣ-ପଶ୍ଚିମାଞ୍ଚଳର ଅନେକ ଆଦିବାସୀ ଜନଜାତି, ବିଶେଷ କରି 'ନାଭାଜୋ' ଏବଂ 'ଜୁନି' ସମ୍ପ୍ରଦାୟ ପାଇଁ ଫିରୋଜା କିମ୍ବା ଟର୍କୋଏଜ୍ ପଥରର ଏକ ପବିତ୍ର ଓ ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି । ନାଭାଜୋ ଏବଂ ଜୁନି କାରିଗରମାନେ ରୂପା କାମ ସହିତ ଟର୍କୋଏଜ୍‌କୁ ସୁନ୍ଦର ଭାବେ ସଜାଇ ଗହଣା ତିଆରି କରିବାରେ ବିଶ୍ୱପ୍ରସିଦ୍ଧ । ଏହି ସମ୍ପ୍ରଦାୟଗୁଡ଼ିକ ପାଇଁ ଟର୍କୋଏଜ୍ ଜୀବନ, ସୁରକ୍ଷା ଏବଂ ଆଧ୍ୟାତ୍ମିକ ଜଗତ ସହ ସଂଯୋଗର ପ୍ରତୀକ ଅଟେ । ଏହି ପଥରର ଈଷତ୍ ନୀଳ - ସବୁଜ ରଙ୍ଗ ଆକାଶ ଏବଂ ଜଳକୁ ଦର୍ଶାଏ, ଯାହା ମରୁଭୂମିରେ ବସବାସ କରୁଥିବା ଲୋକଙ୍କ ପାଇଁ ଅତି ନିହାତି ଆବଶ୍ୟକୀୟ ଉପାଦାନ ।

## ମେକ୍ସିକୋ

ମେକ୍ସିକୋର 'ଟାକ୍ସକୋ' ୧୯୩୦ ଦଶକରେ ରୂପା ଗହଣା ଶିଳ୍ପର ମୁଖ୍ୟ କେନ୍ଦ୍ର ପାଲଟିଥିଲା । ତେବେ ମେକ୍ସିକୋରେ ରୂପା କାରୁକାର୍ଯ୍ୟର ଇତିହାସ କୋଲମ୍ବସ-ପୂର୍ବ ସମୟରୁ ଆରମ୍ଭ ହୋଇଥିଲା । ସ୍ପାନିସ୍ ଉପନିବେଶ ସମୟରେ ଏହି ଗହଣାର ନକ୍ସାଗୁଡ଼ିକ ବିଶେଷ ଭାବେ ପ୍ରଭାବିତ ହୋଇଥିଲା । ଯେଉଁଥିରେ ସ୍ଥାନୀୟ ଜନଜାତିଙ୍କ ପାରମ୍ପରିକ କୌଶଳ ଏବଂ ୟୁରୋପୀୟ ଶୈଳୀର ଏକ ସୁନ୍ଦର ମିଶ୍ରଣ ଦେଖିବାକୁ ମିଳିଥିଲା । ମେକ୍ସିକାନ୍ ରୂପା ଗହଣାଗୁଡ଼ିକ ପ୍ରାୟତଃ ଆକର୍ଷଣୀୟ ଓ ବୋଲ୍ଡ ନକ୍ସା ଏବଂ ଅକ୍ସିଡାଇଜଡ୍ ଫିନିସିଂ ପାଇଁ ଜଣାଶୁଣା । ଏଠାକାର କାରିଗରମାନେ ନିଜର ପାରମ୍ପରିକ ଶୈଳୀକୁ ବଜାୟ ରଖିବା ସହ ଆଧୁନିକ ପସନ୍ଦ ଅନୁସାରେ ଆଜି ମଧ୍ୟ ହାତରେ ସୁନ୍ଦର ରୂପା ଗହଣା ତିଆରି କରିଚାଲିଛନ୍ତି ।

## ପେରୁ

ସ୍ପାନିସ୍ ଉପନିବେଶ ପୂର୍ବରୁ ଆଣ୍ଡିଜ୍ ପାର୍ବତ୍ୟାଞ୍ଚଳ (ପେରୁ ଏବଂ ବୋଲିଭିଆ)ର ପୁରାତନ ସଂସ୍କୃତିଗୁଡ଼ିକ ଅତ୍ୟନ୍ତ ସୂକ୍ଷ୍ମ ଓ ଉନ୍ନତମାନର ସୁନା ଗହଣା ତିଆରି କରୁଥିଲେ । ଇନ୍‌କା ଏବଂ ତାହା ପୂର୍ବର ସଭ୍ୟତାଗୁଡ଼ିକ ସୁନାରେ ପଶୁପକ୍ଷୀ, ଦେବଦେବୀ ଏବଂ ଜ୍ୟାମିତିକ ନକ୍ସା ଚିତ୍ରିତ ଜଟିଳ କାରୁକାର୍ଯ୍ୟ କରୁଥିଲେ । ଏହିସବୁ ପ୍ରତୀକାତ୍ମକ ନକ୍ସା ଗହଣା ପିନ୍ଧୁଥିବା ବ୍ୟକ୍ତିଙ୍କୁ ପ୍ରାକୃତିକ ଏବଂ ଆଧ୍ୟାତ୍ମିକ ଜଗତ ସହ ଯୋଡ଼ି ରଖୁଥିଲା । ସେମାନଙ୍କ ବିଶ୍ୱାସରେ ସୁନା ସୂର୍ଯ୍ୟଙ୍କ ଶକ୍ତିର ପ୍ରତୀକ ଥିଲା, ଯେତେବେଳେ କି ରୂପା ଚନ୍ଦ୍ରଙ୍କ ସହ ସଂଯୁକ୍ତ ଥିଲା ।

## ନ୍ୟୁଜିଲାଣ୍ଡ

ମାଓରୀ ସଂସ୍କୃତିରେ 'ପୋଉନାମୁ' ବା ସବୁଜ ପଥର ଏକ ଅତ୍ୟନ୍ତ ଆଦରଣୀୟ ଓ ମୂଲ୍ୟବାନ ପଥର । ଏହି ପଥରକୁ ଖୋଦେଇ କରି 'ହେଇ - ଟିକି' ନାମକ ପେଣ୍ଡାଣ୍ଟ କିମ୍ବା ଅନ୍ୟାନ୍ୟ ରୂପ ଦିଆଯାଇଥାଏ । ଯାହା ପିଢ଼ି ପରେ ପିଢ଼ି ପରିବାର ମଧ୍ୟରେ ଦିଆନିଆ ହୋଇଥାଏ ଏବଂ ପ୍ରତ୍ୟେକ ନୂତନ ପିଢ଼ି ସହ ଏହାର ଆଧ୍ୟାତ୍ମିକ ମହତ୍ତ୍ୱ ବୃଦ୍ଧି ପାଇଥାଏ । ଏଗୁଡ଼ିକ ସାଧାରଣ ଗହଣା ନୁହେଁ, ଏହା ହେଉଛି 'ତାଓଙ୍ଗା' ବା ସମ୍ପଦ । ପ୍ରତ୍ୟେକଟି କାରୁକାର୍ଯ୍ୟ ଗୋଟିଏ ଗୋଟିଏ କାହାଣୀ କହେ ଏବଂ ଏହାକୁ ପୂର୍ବରୁ ପିନ୍ଧିଥିବା ବ୍ୟକ୍ତିମାନଙ୍କର 'ମାନା' ବା ଆଧ୍ୟାତ୍ମିକ ଶକ୍ତିକୁ ବହନ କରିଥାଏ ।

## ପ୍ୟାସଫିକ ଆଇଲାଣ୍ଡ

ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ ବା ପ୍ୟାସଫିକ ଆଇଲାଣ୍ଡ ଗୁଡ଼ିକରେ ଶାମୁକା ଓ ଛୋଟ ଶଙ୍ଖକୁ ପାରମ୍ପରିକ ଗହଣା ତିଆରିର ମୁଖ୍ୟ ଉପାଦାନ ଭାବେ ବ୍ୟବହୃତ କରାଯାଇଥାଏ । କେତେକ ସଂସ୍କୃତିରେ ଶଙ୍ଖ ମାଳାଗୁଡ଼ିକ ସ୍ୱତନ୍ତ୍ର ପର୍ବପର୍ବାଣି ଓ ଉତ୍ସବର ପରିଚୟ ଦେଇଥାଏ କିମ୍ବା ଧନସମ୍ପତ୍ତି ଓ ସାମାଜିକ ପ୍ରତିଷ୍ଠାର ପ୍ରତୀକ ସାଜିଥାଏ । ଦ୍ୱୀପାଞ୍ଚଳରେ ପ୍ରଚୁର ପରିମାଣରେ ମିଳୁଥିବା ଏହି ଶଙ୍ଖ ଓ ଶାମୁକା ଗୁଡ଼ିକର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସହଜଲଭ୍ୟତା, ଏଗୁଡ଼ିକୁ ସୌନ୍ଦର୍ଯ୍ୟବର୍ଦ୍ଧନ ପାଇଁ ବ୍ୟବହାରିକ ଏବଂ ଅର୍ଥପୂର୍ଣ୍ଣ ଆଭୂଷଣ ଭାବେ ଗଢ଼ିତୋଳିଛି ।









## ମୃଣାଳ
ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୬୧୯୪

## ଜେନ-ଜି ପ୍ରଶ୍ନ

ନବଘନର ପୁଅ ଭୀମସେନ ଜେନ-ଜି ଜେନେରେସନର। ସବୁ କଥାରେ ପ୍ରଶ୍ନ। ଦିନେ ସେ ଯମରାଜଙ୍କୁ ପ୍ରଶ୍ନ କଲା, ଆଜ୍ଞା ଆପଣ କେତେବର୍ଷ ହେଲା ମରଲୋକରେ ଅଛନ୍ତି? ଯମରାଜ କହିଲେ, ଅନାଦି ଅନନ୍ତ କାଳରୁ ମୁଁ ଏଠି ଅଛି। ଭୀମସେନ ପଚାରିଲା, ଆପଣ କି ପାପ କରିଥିଲେ କି - ଏତେ ବର୍ଷ ହେଲା ଏଠି ଅଛନ୍ତି ?





## ନଈ

ନଦୀ କେବଳ ଏକ ପାଣି ଧାର ନୁହଁ। ନଦୀ ହେଉଛି ଏକ ସମ୍ପୂର୍ଣ୍ଣ ପରିବେଶତନ୍ତ୍ର (Ecosystem)। ପାହାଡ଼ରୁ ଜଳ ଆଣି ସମତଳ ଭୂମିକୁ ପହଞ୍ଚାଏ, ଭୂତଳ ଜଳକୁ ପୁନଃଭରଣ କରେ, ମାଟିକୁ ଉର୍ବର କରେ, ଚାଷକୁ ବଞ୍ଚାଏ, ଜଳଜୀବଙ୍କୁ ଆଶ୍ରୟ ଦିଏ ଏବଂ ଶେଷରେ ସମୁଦ୍ର ସହ ଯୋଗ ହୋଇ ଜଳଚକ୍ରକୁ ସମ୍ପୂର୍ଣ୍ଣ କରେ। ମଣିଷ ସଭ୍ୟତାର ଅନେକ ମହାନ ଅଧ୍ୟାୟ ନଦୀକୂଳରେ ଲେଖାଯାଇଛି—ସିନ୍ଧୁ, ଗଙ୍ଗା, ନୀଳ, ଟାଇଗ୍ରିସ୍-ୟୁଫ୍ରେଟିସ୍, ହୁଆଙ୍ଗହୋ ଇତ୍ୟାଦି ତାହାର ପ୍ରମାଣ। ଭାରତ ନଦୀମାତୃକ ଓ ନଦୀନିର୍ଭର ସଭ୍ୟତାର ଦେଶ। ଭାରତୀୟ ଉପମହାଦେଶରେ ୪୦୦ରୁ ଊର୍ଦ୍ଧ୍ୱ ବଡ଼ ନଈ ଅଛି, ୧୪ଟି ମୁଖ୍ୟ ନଦୀ ପ୍ରଣାଳୀ (major river system) ଅଛି। ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର, ନର୍ମଦା, ଗୋଦାବରୀ, କୃଷ୍ଣା, କାବେରୀ, ମହାନଦୀଠାରୁ ଆରମ୍ଭ କରି ଅସଂଖ୍ୟ ଛୋଟ ନଦୀ ଓ ଝରଣା ଦେଶର କୃଷି, ଜନଜୀବନ, ଶିଳ୍ପ ଓ ସଂସ୍କୃତିକୁ ଧାରଣ କରିଆସିଛି। ନଦୀକୁ ଆମେ 'ମା' ବୋଲି କହୁ, ପୂଜା କରୁ। କିନ୍ତୁ ବିଡ଼ମ୍ବନା ହେଲା- ନଈ ଉପରେ ଆମେ ଅକଥନୀୟ ଅତ୍ୟାଚାର କରୁଛୁ, ଫଳରେ ଅନେକ ନଈ ଧୀରେ ଧୀରେ ମରିବାକୁ ବସିଲାଣି। ନଦୀର ମୂଲ୍ୟ ସମ୍ପର୍କରେ ସଚେତନତା ବଢ଼ାଇବା ଏବଂ ନଦୀ ସଂରକ୍ଷଣ ପାଇଁ ସମାଜକୁ ସକ୍ରିୟ କରିବା ପାଇଁ ୨୦୦୫ରୁ ବିଶ୍ୱ ନଦୀ ଦିବସ ପାଳିତ ହୋଇ ଆସୁଛି। କାନାଡାର ଜଣେ ପରିବେଶ ସଂରକ୍ଷକ ମାର୍କ ଆଞ୍ଜେଲୋ ଏହାର ସୂତ୍ରପାତ କରନ୍ତି। ପ୍ରତିବର୍ଷ ସେପ୍ଟେମ୍ବର ମାସର ଚତୁର୍ଥ ରବିବାର ଏହା ପାଳିତ ହୁଏ। ଏବର୍ଷର ବିଶ୍ୱ ନଦୀ ଦିବସ ସେପ୍ଟେମ୍ବର ୨୭ରେ ପାଳିତ ହେଉଛି। ଏବର୍ଷ ବିଶ୍ୱ ନଦୀ ଦିବସ ୨୦୨୬ର ବାର୍ତ୍ତା ହେଲା: 'ଜଙ୍ଗଲ ନାହିଁ, ନଦୀ ନାହିଁ, ଜଳ ନାହିଁ, ଜୀବନ ନାହିଁ (No Forests, No Rivers, No Water, No Life)। ଏହା କେବଳ ଏକ ସ୍ଲୋଗାନ ନୁହେଁ; ଏହା ପୃଥିବୀର ଜୀବନଚକ୍ରକୁ ବୁଝିବାର ଏକ ସରଳ ସୂତ୍ର।

## ଭୁଲିଯିବା ଭଲ

ମଣିଷ ସାଧାରଣତଃ ଭାବେ ଯେ, ସବୁକିଛି ମନେ ରଖିପାରିବା ଏକ ବଡ଼ ଆଶୀର୍ବାଦ। ଯାହାର ସ୍ମୃତିଶକ୍ତି ଅଧିକ ସେ ଅଧିକ ପାଠ ମନେ ରଖିପାରିବ, ଅଧିକ ହିସାବ ମନେ ରଖିପାରିବ, ଜୀବନରେ ଘଟିଥିବା ଭଲ ମନ୍ଦ ସବୁ ଘଟଣାଗୁଡ଼ିକ ହୁବହୁ ମନେ ରଖିପାରିବ। କିନ୍ତୁ ପ୍ରକୃତ କଥା ହେଲା, ଭୁଲିଯିବା ମଧ୍ୟ ପ୍ରକୃତିର ଏକ ଅଦ୍ଭୁତ ବରଦାନ। ଭାବି ଦେଖନ୍ତୁ, ଯଦି ମଣିଷ ଜୀବନର ପ୍ରତ୍ୟେକ ଦୁଃଖ, ପ୍ରତ୍ୟେକ ଅପମାନ, ପ୍ରତ୍ୟେକ ବିଫଳତା ଏବଂ ପ୍ରତ୍ୟେକ ବେଦନାକୁ ସମାନ ତୀବ୍ରତାରେ ସବୁଦିନ ମନେ ରଖୁଥାନ୍ତା, ତେବେ ବୋଧହୁଏ ସୁଖୀ ହୋଇ ବଞ୍ଚିବା ଅସମ୍ଭବ ହୋଇପଡ଼ନ୍ତା।

ଦାର୍ଶନିକମାନେ କହିଛନ୍ତି, ଜୀବନର ଧର୍ମ ହେଉଛି ଆଗକୁ ଚାଲିବା। ଚରେଇବତି, ଚରେଇବତି। ଆଉ ଆଗକୁ ଚାଲିବାକୁ ହେଲେ ପଛର କିଛି ପଦଚିହ୍ନକୁ ପୋଛିଦେବାକୁ ପଡ଼େ। କ୍ଷମା କରିବା ଏବଂ ଭୁଲିଯିବା- ଏହି ଦୁଇଟି ମଣିଷକୁ ମାନସିକ ମୁକ୍ତି ଦେଇଥାଏ। ରାଗ, ପ୍ରତିଶୋଧ, ଈର୍ଷା ଦୁଃଖକୁ ଚିରଦିନ ଧରି ସାଇତି ରଖିଲେ ମନ ଭାରାକ୍ରାନ୍ତ ହୁଏ। ଭୁଲିଯିବା ମାନେ ଅତୀତକୁ ଅସ୍ୱୀକାର କରିବା ନୁହେଁ; ବରଂ ଅତୀତର ବନ୍ଧନରୁ ନିଜକୁ ମୁକ୍ତ କରିବା। ଆଧୁନିକ ସ୍ନାୟୁବିଜ୍ଞାନ ମଧ୍ୟ ଏହି ସତ୍ୟକୁ ସମର୍ଥନ କରେ। ଦୀର୍ଘଦିନ ଧରି ବିଜ୍ଞାନୀମାନେ ଭାବୁଥିଲେ, ଭୁଲିଯିବା ହେଉଛି ମସ୍ତିଷ୍କର ଦୁର୍ବଳତା। କିନ୍ତୁ ନୂତନ ଗବେଷଣା କହୁଛି, ଭୁଲିଯିବା ହେଉଛି ମସ୍ତିଷ୍କର ଏକ ସକ୍ରିୟ ଓ ବୁଦ୍ଧିମାନ ପ୍ରକ୍ରିୟା। ମସ୍ତିଷ୍କ ଅପ୍ରୟୋଜନୀୟ ତଥ୍ୟକୁ ଧୀରେ ଧୀରେ ହଟାଇଦିଏ, ଯାହାଦ୍ୱାରା ନୂଆ ସୂଚନା ପାଇଁ ସ୍ଥାନ ସୃଷ୍ଟି ହୁଏ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ମୃତିଗୁଡ଼ିକ ଅଧିକ ସ୍ୱଷ୍ଟ ରହେ। ସ୍ନାୟୁବିଜ୍ଞାନୀମାନେ ଏହାକୁ ମସ୍ତିଷ୍କର ଏକ ପ୍ରାକୃତିକ "ଫିଲ୍ଟର" ବୋଲି କହନ୍ତି। କମ୍ପ୍ୟୁଟରରୁ ଅନାବଶ୍ୟକ ଫାଇଲ ହଟାଇଦେଲେ ଯେମିତି ତାହା ଭଲ କାମ କରେ, ସେହିପରି ମସ୍ତିଷ୍କ ମଧ୍ୟ ଭୁଲିଯିବା ମାଧ୍ୟମରେ ନିଜକୁ ସୁସ୍ଥ ଓ କାର୍ଯ୍ୟକ୍ଷମ ରଖେ। ମନୋବିଜ୍ଞାନ ଆହୁରି କହେ ଯେ, ଦୁଃଖଦ ସ୍ମୃତିର ତୀବ୍ରତା ସମୟ ସହିତ କମିଯିବାରୁ ମଣିଷ ନୂଆ ସମ୍ପର୍କ ଗଢ଼ିପାରେ, ପୁଣିଥରେ ଭଲପାଇପାରେ ଏବଂ ନୂଆ ସ୍ୱପ୍ନ ଦେଖିପାରେ। ଯଦି ପ୍ରତ୍ୟେକ ଆଘାତ ସଦା ସତେଜ ରହୁଥାନ୍ତା, ତେବେ ଜୀବନରେ ଆଶା ବୋଲି କିଛି ରହିନଥାନ୍ତା। ଅବଶ୍ୟ ସବୁକିଛି ଭୁଲିଯିବା ଉଚିତ ନୁହେଁ। ଇତିହାସର ଶିକ୍ଷା, ମଣିଷର ସ୍ନେହ, ମୂଲ୍ୟବୋଧ ଓ ଅନୁଭବ ଆମକୁ ପଥ ଦେଖାଏ। କିନ୍ତୁ ଯେଉଁ ସ୍ମୃତି କେବଳ ଯନ୍ତ୍ରଣା ବଢ଼ାଏ ଏବଂ ବର୍ତ୍ତମାନକୁ ଅନ୍ଧକାର କରିଦିଏ, ତାକୁ ଭୁଲିଯିବା ହିଁ ପ୍ରଜ୍ଞାର ପରିଚୟ। ତେଣୁ ଭୁଲିଯିବା ଦୁର୍ବଳତା ନୁହେଁ; ଏହା ବଞ୍ଚିବାର କୌଶଳ। ପ୍ରକୃତି ମଣିଷକୁ ସ୍ମୃତି ଦେଇଛି ଶିଖିବା ପାଇଁ, ଆଉ ବିସ୍ମୃତି ଦେଇଛି ସୁଖରେ ବଞ୍ଚିବା ପାଇଁ। ବୋଧହୁଏ ସେଥିପାଇଁ ଜୀବନ ଆମକୁ ନୀରବରେ ଶିଖାଏ-ସବୁକିଛି ମନେ ରଖିବା ନୁହେଁ, କିଛି କଥା ଭୁଲିଯିବା ହିଁ ଭଲ।

## ଭୋଟ

ନବଘନ ଆଉ ରାମବାବୁ ପିଲାବେଳୁ ସାଙ୍ଗ। ତେଣୁ ରାମବାବୁ ଯେତେବେଳେ ନିର୍ବାଚନ ଲଢ଼ିଲେ, ସେ ନିଶ୍ଚିତ ଥିଲେ ଯେ ନବଘନ ତାଙ୍କୁ ଭୋଟ ଦେବ। ରାମବାବୁ ନିର୍ବାଚନରେ ହାରିଗଲେ। ହାରିବା ପରେ ସେ ନବାଘନକୁ ପଚାରିଲେ- "ତୁ ମୋ ବିପକ୍ଷ ପ୍ରାର୍ଥୀକୁ କାହିଁକି ଭୋଟ୍ ଦେଲୁ ?" ନବଘନ କହିଲା, "କାରଣ ମୁଁ ତାକୁ ପସନ୍ଦ କରେ।" ମିଛ ! ପ୍ରକୃତ କଥା ହେଉଛି ତୁ ତାଙ୍କୁ ଏଥିପାଇଁ ଭୋଟ୍ ଦେଲୁ କାରଣ ସେ ତୋତେ ହଜାରେ ଟଙ୍କା ଦେଇଥିଲେ। ଠିକ୍ କଥା। ତୁ କହୁନୁ, ଯେଉଁ ଲୋକ ତୋତେ ହଜାରେ ଟଙ୍କା ଦେବ, ତୁ କ'ଣ ତାକୁ ନାପସନ୍ଦ କରିପାରିବୁ ?




## ଧାଡ଼ିରେ ଠିଆ ମଣିଷ

ଇଣ୍ଡିଆ ଦ୍ୟାଟ ଇଜ ଭାରତ ଏକ ଅଦ୍ଭୁତ ଦେଶ। ଏବେ ଆପଲର ନୂଆ ଆଇ-ଫୋନ ବଜାରକୁ ଆସିଲା। ଦାମ ଦେଢ଼ ଲକ୍ଷରୁ ତିନି ଲକ୍ଷ ଟଙ୍କା। ତାକୁ କିଣିବାକୁ ମୋବାଇଲ ଦୋକାନ ଆଗରେ ଲମ୍ବା ଲାଇନ। ଭାରତରେ ୮୦ କୋଟି ଲୋକଙ୍କୁ ମାଗଣା ରାସନ ଦିଆଯାଉଛି। ତାକୁ ନେବାକୁ ରାସନ ଦୋକାନ ଆଗରେ ଲମ୍ବା ଲାଇନ। ମଜା କଥା ହେଲା, କିଛି ଲୋକ ଉଭୟ ଲାଇନରେ ଥିଲେ।

# ବଞ୍ଚନ୍ତି ସାଧାରଣ ଜୀବନ

ଅଭିନେତା ତଥା ନେତା ମନୋଜ ତିୱାରୀଙ୍କ ଝିଅ ରିତି ତିୱାରୀ 'ବିଗ୍ ବସ୍ ' ଗୃହ ମଧ୍ୟରେ ନିଜର ଲାଳନପାଳନ ଏବଂ ଆର୍ଥିକ ସଂଘର୍ଷ ବିଷୟରେ ବକ୍ତବ୍ୟ ଦେଇ ସୋସିଆଲ ମିଡିଆରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ବାପାମାଆଙ୍କ ବିଚ୍ଛେଦ ଯୋଗୁଁ ବାପାଙ୍କ ପାଖରୁ ଦୂରରେ ବଢ଼ିଥିବା ରିତି ନିଜକୁ ଭାଗ୍ୟବାନ୍ କିମ୍ବା ଧନୀ ପରିବାରର ସୁବିଧାପ୍ରାପ୍ତ ସନ୍ତାନ ବୋଲି ଭାବନ୍ତି ନାହିଁ ବୋଲି ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ବାପାଙ୍କ ସମ୍ପତ୍ତି, ଟଙ୍କା କିମ୍ବା ସୁଯୋଗରୁ ସେ କିଛି ପାଇନାହାନ୍ତି, ବରଂ ବାପା ନିଜ କ୍ୟାରିୟର୍ ନିଜେ ଗଢ଼ିବାକୁ ପରାମର୍ଶ ଦେବା ସହ ନିଜେ କୌଣସି ଆର୍ଥିକ କିମ୍ବା ପେଷାଦାର ସାହାଯ୍ୟ କରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ । ପାଠପଢ଼ା ଏବଂ ନିଜ ଖର୍ଚ୍ଚ ପାଇଁ ମାସକୁ ମାତ୍ର ୨୦,୦୦୦ରୁ ୨୫,୦୦୦ ଟଙ୍କା ପକେଟ୍ ମନି ମିଳୁଥିବାରୁ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଥିବା ସେ ପ୍ରକାଶ କରିଛନ୍ତି । ସେ ଗାଡ଼ିରେ ୫୦୦ ଟଙ୍କାର ଡିଜେଲ ପକାଇ, ୧୦ ଟଙ୍କାର ବଡା ପାଓ ଖାଇ ଦିନ କାଟିଥିବା କଥା ପ୍ରକାଶ କରିଛନ୍ତି । ସେ ସବୁବେଳେ ଜଣେ ସାଧାରଣ ଝିଅ ଭାବେ ବଞ୍ଚନ୍ତି ବୋଲି ପ୍ରକାଶ କରିଛନ୍ତି ।



# ଡେଟିଂରେ ପୂର୍ଣ୍ଣଚ୍ଛେଦ

'ବିଗ୍ ବସ୍ ୨୦'ର ପ୍ରତିଯୋଗୀ ଉଦିତି ସିଂହ ନିକଟରେ ଶୋ' ମଧ୍ୟରେ ଅଭିନେତା କରଣ ୱାହୀଙ୍କ ସହ ତାଙ୍କର ଅତୀତର ପ୍ରେମ ସମ୍ପର୍କକୁ ନେଇ ମୁହଁ ଖୋଲିଛନ୍ତି । ଅନ୍ୟ ପ୍ରତିଯୋଗୀଙ୍କ ସହ କଥାବାର୍ତ୍ତା ବେଳେ ଉଦିତି ପ୍ରକାଶ କରିଛନ୍ତି ଯେ କରଣ ଶୋ'କୁ ଆସିଥିଲେ ବି ତାଙ୍କ ପାଇଁ ଜଣେ ସାଧାରଣ ପ୍ରତିଯୋଗୀ ଭଳି ହୋଇଥାନ୍ତେ । କାରଣ ସେ ବହୁ ପୂର୍ବରୁ ମୁଭ୍ ଅନ୍ କରିସାରିଛନ୍ତି । ଇନଷ୍ଟାଗ୍ରାମରୁ ଆରମ୍ଭ ହୋଇଥିବା ଏହି ସମ୍ପର୍କ କରୋନା ଲକଡାଉନ୍ ସମୟରେ ବେଶ୍ ନିବିଡ଼ ହୋଇଥିଲା ଏବଂ ଦୁହେଁ ବିବାହ କରିବାକୁ ବି ଚିନ୍ତା କରିଥିଲେ । ଦୁଇ ବର୍ଷରୁ ଅଧିକ ସମୟ ଧରି ଡେଟିଂ କରିବା ପରେ ୨୦୨୨ରେ ସେମାନଙ୍କର ବ୍ରେକଅପ ଘଟିଥିଲା ।



# ନୂଆ ପ୍ରୋଜେକ୍ଟ

ଫିଲ୍ମ ନିର୍ମାତା କରଣ ଜୋହର 'କେଶରୀ', 'ରାଜି', 'ଶେରଶାହା' ଓ 'କେଶରୀ: ଚାପ୍ଟର ୨' ଭଳି ସଫଳ ଫିଲ୍ମ ପରେ ପୁଣି ଏକ ସତ୍ୟ କାହାଣୀକୁ ବଡ଼ ପରଦାକୁ ଆଣିବାକୁ ଯାଉଛନ୍ତି । ଭାରତୀୟ ଗୁପ୍ତଚର ସଂସ୍ଥା 'ର' ର ୫୮ ବର୍ଷ ପୂର୍ତ୍ତି ଅବସରରେ, ୧୯୬୮ ରେ ଏହାର ପ୍ରତିଷ୍ଠା କରିଥିବା ଆର. ଏନ୍. କାଓଙ୍କ ଜୀବନୀ ଉପରେ ଆଧାରିତ ଏକ ବୃହତ୍ ଆକ୍ସନ-ସ୍ପାଏ ଚଳଚ୍ଚିତ୍ର ନିର୍ମାଣ ପାଇଁ କରଣ ଜୋହର ଘୋଷଣା କରିଛନ୍ତି । ସାମ୍ବାଦିକ ନିତିନ୍ ଗୋଖଲେଙ୍କ ପୁସ୍ତକ 'ଜେଣ୍ଟଲମ୍ୟାନ୍ ସ୍ପାଇମାଷ୍ଟର୍' ଉପରେ ଆଧାରିତ ଏହି ଚଳଚ୍ଚିତ୍ରଟି ୧୯୫୫ରୁ ୧୯୭୧ ମସିହା ମଧ୍ୟରେ ଭାରତୀୟ ଗୁପ୍ତଚର ବ୍ୟବସ୍ଥାର ବିକାଶ, 'ର'ର ପ୍ରତିଷ୍ଠା ଏବଂ ୧୯୭୧ରେ ପାକିସ୍ତାନ ବିପକ୍ଷରେ ଏହାର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ମିଶନ୍‌କୁ ଚିତ୍ରିତ କରିବ । ଗତ ଦୁଇ ବର୍ଷ ଧରି ଏହାର ଗବେଷଣା ଚାଲିଥିବା ବେଳେ ୨୦୨୬ରେ ଏହାର ସୁଟିଂ ଆରମ୍ଭ ହୋଇ ୨୦୨୮ ରେ ଏହା ରିଲିଜ ହେବାର ଯୋଜନା ରହିଛି । ଯଦିଓ କଳାକାରଙ୍କ ନାମ ଏପର୍ଯ୍ୟନ୍ତ ଜଣାପଡିନାହିଁ, ମାତ୍ର ବଲିଉଡର ଜଣେ ପ୍ରଥମ ଧାଡ଼ିର ଅଭିନେତା ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ ବୋଲି ସୂଚନା ମିଳିଛି ।



# ବିଜି ଅଛନ୍ତି କୀର୍ତ୍ତି

ଅଭିନେତ୍ରୀ କୀର୍ତ୍ତି ସୁରେଶଙ୍କ ଫିଲ୍ମ 'ତୋରୋଥି' ୨୫ ସେପ୍ଟେମ୍ବର ୨୦୨୬ରେ ହେବାକୁ ଯାଉଛି । କାର୍ତ୍ତିକ ସୁବ୍ବରାଜଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ୧୯୯୦ ଦଶକର ଗ୍ରାମୀଣ ତାମିଲନାଡୁର ପୃଷ୍ଠଭୂମି ଉପରେ ଆଧାରିତ, ଯେଉଁଥିରେ ଦୁଇ ପିଲାଦିନର ସାଙ୍ଗଙ୍କ କାହାଣୀ, ହିଂସା, ସାମାଜିକ ଭେଦଭାବ, ସମଲିଙ୍ଗୀ ବିଷୟବସ୍ତୁକୁ ସ୍ଥାନ ଦିଆଯାଇଛି । ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଇଲୈୟାରାଜା ଦେଇଥିବା ବେଳେ ଜ୍ୟୋତି ଦେଶପାଣ୍ଡେ, ଗୁନୀତ ମୋଙ୍ଗା କାପୁର ଏବଂ ଅଚିନ୍ ଜୈନ୍ ଏହାର ପ୍ରଯୋଜନା କରିଛନ୍ତି । ନିକଟରେ କୀର୍ତ୍ତି ସୁରେଶ 'ରିଭଲଭର୍ ରୀତା' ଚଳଚ୍ଚିତ୍ରରେ ନଜର ଆସିଥିବା ବେଳେ ଆଗାମୀ ଦିନରେ ବିଜୟ ଦେବରକୋଣ୍ଡାଙ୍କ ସହ 'ରାଉଡି ଜନାର୍ଦ୍ଦନ' ସମେତ 'ଥୋଟ୍ଟମ୍', 'ସତ୍ୟବାନ୍ ସାବିତ୍ରୀ' ଏବଂ 'ଜାନୁଆରୀ ୧୨ ବିଡୁଦଲ' ଭଳି ବହୁ ପ୍ରୋଜେକ୍ଟରେ ନଜର ଆସିବାକୁ ଯାଉଛନ୍ତି ।





# ବାଜି ମାରିଲେ ଅନୁଷ୍କା

ବଲିଉଡର ସଫଳ ଅଭିନେତ୍ରୀ ଅନୁଷ୍କା ଶର୍ମା ନିଜର ନିଜସ୍ୱ ଲୋକପ୍ରିୟତା, ସ୍ୱତନ୍ତ୍ର ପରିଚୟ ଏବଂ ବିଶ୍ୱସ୍ତରୀୟ ଆଦୃତି ବଳରେ 'ଭାଣ୍ଟିକସ୍' ଗ୍ଲୋବାଲ୍ ର୍‍ୟାଙ୍କିଂରେ ସ୍ଥାନ ପାଇଛନ୍ତି । ସେ ଏହି ତାଲିକାର ଶୀର୍ଷ - ୫ ପ୍ରଭାବଶାଳୀ ମହିଳା ବ୍ୟକ୍ତିତ୍ୱଙ୍କ ତାଲିକାରେ ଚତୁର୍ଥ ସ୍ଥାନ ହାସଲ କରି ଏକ ନୂଆ ରେକର୍ଡ କରିଛନ୍ତି । ରିପୋର୍ଟ ଅନୁସାରେ, ଏହି ତାଲିକାରେ କିମ୍ କାର୍ଦାସିଆନ୍ (୩୪.୩ କୋଟି ଫଲୋଅର୍ସ) ପ୍ରଥମ, ଏନ୍‌ଏଫ୍‌ଏଲ୍ ତାରକା ଟ୍ରାଭିସ୍ କେଲସିଙ୍କ ସହଧର୍ମିଣୀ ତଥା ପ୍ରସିଦ୍ଧ ଗାୟିକା ଟେଲର୍ ସ୍ୱିଫ୍ଟ (୨୭.୨ କୋଟି ଫଲୋଅର୍ସ) ଦ୍ୱିତୀୟ, କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପତ୍ନୀ ଜର୍ଜିନା ରୋଡ୍ରିଗ୍ରେଜ୍ (୭.୮୩ କୋଟି ଫଲୋଅର୍ସ) ତୃତୀୟ ଏବଂ ଭିନିସିଅସ୍ ଜୁନିଅରଙ୍କ ପାର୍ଟନର ଭିର୍ଜିନିଆ ଫୋନ୍‌ସେକା (୫.୬୫ କୋଟି ଫଲୋଅର୍ସ) ପଞ୍ଚମ ସ୍ଥାନରେ ରହିଥିବା ବେଳେ, ଅନୁଷ୍କା କେବଳ ଭାରତୀୟ କ୍ରିକେଟର ବିରାଟ କୋହଲିଙ୍କ ସହଧର୍ମିଣୀ ଭାବେ ନୁହେଁ, ବରଂ ନିଜର ଅଭିନୟ ଦକ୍ଷତା ଓ ନିଜସ୍ୱ ପ୍ରଭାବ ବଳରେ ଏହି ଗୌରବ ହାସଲ କରିଛନ୍ତି । ବିଶେଷ କରି ଫୁଟବଲ୍ ଜଗତର ସହଯୋଗୀଙ୍କ ପ୍ରାଧାନ୍ୟ ଥିବା ଏହି ତାଲିକାରେ ସମଗ୍ର କ୍ରିକେଟ୍ ଦୁନିଆରୁ ଅନୁଷ୍କା ହିଁ ଏକମାତ୍ର ବ୍ୟକ୍ତିତ୍ୱ ଭାବେ ଏହି ସଫଳତା ସାଉଁଟି ଭାରତ ପାଇଁ ଗୌରବ ଆଣିଦେଇଛନ୍ତି ।



## ଓରାଙ୍ଗଉଟାନଟିଏ

ନନ୍ଦନକାନନ ପାଇଛି ଆଜି
ଏତେ ଦିନ ଧରି ଯା' ଥିଲା ଖୋଜି
ଆସରେ ଦେଖିବା ଯାଇ
ଭେଦାଭେଦ ଛୁଆଁଅଛୁଆଁ ଭାବନା
ଯା' ପାଖରେ ତିଳେ ନାହିଁ ॥
ଆମରି ପୂର୍ବଜ ଜଇବ ସାଥୀ
ସିଏ ବଣେ ଆମେ ସଂସାରେ ମାତି
ଘଉଡ଼ାଉ ପଶୁ କହି
ଦେହ ମନ ହୃଦ ଅଛି ବୋଲି ତାଙ୍କ
ଜମା ଭାବି ପାରୁ ନାହିଁ ।
ଇଣ୍ଡୋନେସିଆର ଦ୍ୱୀପରେ ଥିଲେ
ଉଷ୍ମ ଆଦ୍ର ଭୂଇଁ ଛାଡ଼ି ଅଇଲେ
ଭାଲୁଛନ୍ତି ବସିବସି
ଘନ ବର୍ଷାବନେ ଡେଇଁ ବୁଲି ଖେଳି
ହେଉଥିଲେ ହସାହସି ।
ହନୁ ପରି ଚାଲି ଦେଖାଇ ଠାଣି
ବଡ଼ ହାତ ରୁମ ନଖ ତା' ପୁଣି
ଲୋହିତ ବାଦାମୀ ଦେହ
ଥାକୁଲୁ ମାକୁଲୁ ତଲୁ ଗଛ ଡାଳେ
ଦେଖାଏ କାଳିଆ ମୁହଁ ।
ଖାଇ ପତ୍ର ଫଳ ଛୋଟିଆ ଜୀବ
ପରିବେଶ ଗଢ଼ା କାମେ ଲାଗିବ
ଶିଖି ଶିଖାଉଛି ଯିଏ
ଜାଣିବା ତାହାକୁ ଆସରେ ପିଲାଏ
ଓରାଙ୍ଗଉଟାନ ସିଏ ।

**ମହେନ୍ଦ୍ର କୁମାର ଘଡ଼େଇ**
ନିଶ୍ଚିନ୍ତକୋଇଲି, କଟକ,
ମୋ: ୯୪୩୭୭୪୦୫୬୬

## ଆସୁଅଛି ଦଶରା

ଫୁଲବଗିଚାରେ ଫୁଟି କେତେ ଫୁଲ
ଛୁଟିଲାଣି ତାଙ୍କ ମହକ
ଶରତ ଆସିଛି ପ୍ରକୃତି ହସୁଛି
କରିଛି ସଭିଙ୍କୁ କୁହୁକ ॥
ହସୁଛି ଆକାଶ ହସେ ରାତି ଜହ୍ନ
ହସେ କଇଁଫୁଲ ଜଳରେ
ଭରିଅଛି ରସ ଗଛେ ଥିବା କୋଳି
ଜାତି ଜାତି ମିଠା ଫଳରେ ॥
ପୂଜା ଦଶହରା କୁଆଁରପୁନେଇଁ
ଆଣିଛି ଧରାକୁ ଶରତ
ହେବତ ଗାଆଁରେ ପୂଜା ଭୋଜିଭାତ
ନାନାଜାତି ଓଷା ବରତ ॥
କାଶତଣ୍ଡୀ ଫୁଲ ଝୁଲି ଝୁଲି ନାଚେ
ନଈପଠା ଧାରେ ଖୁସିରେ
ପାହାନ୍ତି ରାତିରୁ ଘାସର ପିଠିରେ
ଶିଶିରଟି ଯାଏ ଖସିରେ ॥
ବାଟ ଘାଟ ତୁଠ ସଫା ଦିଶିଲାଣି
ନାହିଁତ ଅସନା ଅଳିଆ
ନଈ ପୋଖରୀ ଓ ଝର କୂଅ ପାଣି
ଦିଶୁନାହିଁ ଆଉ ଗୋଳିଆ ॥
ଗଙ୍ଗଶିଉଳି ଯେ ମାଟି ପରେ ଲୋଟି
ମହକ ବାଣ୍ଟୁଛି ରାତିରୁ
ବିଦାୟ ନେଲାଣି ବତାସ ବରଷା
ଦୂର ଆକାଶର ଛାତିରୁ ॥
ସରସ ଋତୁ ଏ ଶରତ ଧରାରୁ
ଫେରିଯିବ ବାଣ୍ଟି ହରଷ
ଦେଖିବାକୁ ତାର ଅପରୂପ ଶୋଭା
ଚାହିଁ ରହିଥିବା ବରଷ ॥

**ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

## ବରଷା ନୁହେଁ ସେ ଅମୃତ ଧାରା



ବରଷା ନୁହେଁ ସେ ଅମୃତ ଧାରା
ଆକାଶ ଛାତିରୁ ଝରୁଛି
ମାଟି ଶୋଷ ଭରି ତା ଫଟା ଛାତିରେ
ଖୁସିର ନଅର ତୋଳୁଛି ॥
ଆକାଶ ବୁକୁରେ କଳା ମେଘମାଳା
ନାଚି ନାଚି ଭାସି ବୁଲୁଛି
ପୂବେଇ ପବନ ପିଠିରେ ବସି
ଜନମଙ୍ଗଳ ଗୀତ ଗାଉଛି ॥
ସବୁଜ ସୁନ୍ଦର ଜଙ୍ଗଲ ପାହାଡ
ନବକଳେବର ହୋଇଛି
ବରଷାକୁ ଦେଖି ବେଙ୍ଗ ଭାଇନାଟା
କେଁ କେଁ କରି ମନ କଥା କହିଯାଉଛି ॥
ଆମ୍ବ ସପୁରି ଜାମୁ କୋଳି
ରାସ୍ତାରେ ପସରା ମେଲିଛି
ବାଇ ଚଢେଇର ବସାଟା
ନଡ଼ିଆ ଗଛରେ ଦୋଳି ଖେଳୁଛି ॥
ଚାଷୀ ଭାଇ ଧରି ହଳ ଓ ଲଙ୍ଗଳ
ରୁଆ ପୋତା ଧାନ କରୁଛି
ଢେଉ ଢେଉ ଆଶା ମନରେ ତାହାର
ଆନନ୍ଦ ଓଜାଡି ଦେଉଛି ॥
ବରଷାକୁ ଦେଖି ନାଚଇ ମୟୂର
ଚାତକ ଶୋଷକୁ ମାରୁଛି
କଉ କଣ୍ଟିଆ ଶେଉଳ ମାଗୁର
ରାସ୍ତାରେ ଭାସିବା ଦିଶୁଛି ॥
ବରଷା ପାଣିରେ କାଗଜ ଡଙ୍ଗା
ଭାସି ଭାସି ନାଚି ଯାଉଛି
କୁନା ବସି ବସି ବରଷା ସାଥିରେ
ଖୁସି ଗପ କେତେ କରୁଛି ॥

**ଅନସୂୟା ପଣ୍ଡା**
ଭୁବନେଶ୍ୱର
ମୋ: ୯୪୩୯୨୧୧୯୭୧

## ଝରୁ ଆନନ୍ଦରେ ଲୁହ

କଇଁଚି କାକୁଡ଼ି ନଳିତା ପିତା
ଖୁବ୍ ବେଗରେ ତ ଦଉଡେ ଚିତା
ହରିଣ ମାରଇ ଡିଆଁ
ମନେରଖ ଜମା ନୁହଁଇ ଭଲ
ବଣରେ ଲାଗିଲେ ନିଆଁ ॥
କଇଁଚି କାକୁଡ଼ି ନଳିତା ପିତା
ବୁଝ କି ନ ବୁଝ ପଢ଼ିବ ଗୀତା
ଦେହ ପାଇଁ ହିତ ପିତା
ବଣ ଉଜୁଡିଲା ଲାଗେ ସେ ପାଇଁ
ନାହିଁରେ କାହାର ଚିନ୍ତା ॥
କଇଁଚି କାକୁଡ଼ି ନଳିତା ପିତା
ସୁନା ଝିଅଟିଏ ନାଆଁଟି ମିତା
ପିନ୍ଧିବ ରିବନ୍ ଫିତା
ଖେଳରେ ସିଏରେ ଦେଲେ ଧିଆନ
ହେବରେ ଜଗତଜିତା ॥
କଇଁଚି କାକୁଡ଼ି ନଳିତା ପିତା
ଶୁଭଚିନ୍ତକ ଯେ ମାତା ଓ ପିତା
ସୁନାପିଲା ସବୁ ହୁଅ
ଆମେ ଭାରତୀୟ ଶୁଣିଲ ଯଦି
ଝରୁ ଆନନ୍ଦରେ ଲୁହ ॥

**ନୀଳମଣି ଚାନ୍ଦ**
ଗୋଠପାଟଣା, ଭୁବନେଶ୍ୱର
ମୋ: ୯୫୮୩୨୦୨୩୫୭





# ରିଲ୍ ଜେନେରେଶନ

**ମନୋରଞ୍ଜନର ସବୁଠୁ କ୍ଷୁଦ୍ର ମାଧ୍ୟମ କୁହାଯାଉଥିବା ରିଲ୍ସ ବା ଶର୍ଟ ଭିଡିଓ ଏବେ କେଳବ ନୂଆପିଢ଼ିର ଯୁବତୀଯୁବକଙ୍କୁ ନୁହେଁ ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କୁ ଯେପରି ବାଇଆ କରିଦେଇଛି । ଶର୍ଟ ଭିଡିଓର ଏହି କ୍ରେଜ୍‌କୁ ଦେଖି ବର୍ତ୍ତମାନର ପିଢ଼ିକୁ ରିଲ୍ ଜେନେରେଶନ ବୋଲି କୁହାଗଲାଣି ।**

ଭାରତରେ ଭିଡିଓ ଦେଖିବାର ଟ୍ରେଣ୍ଡ ଦ୍ରୁତ ଗତିରେ ବଦଳୁଛି ଏବଂ ଏହାର ପ୍ରଭାବ ସହର ସହିତ ଗାଁଗୁଡ଼ିକରେ ମଧ୍ୟ ଦେଖାଯାଉଛି । ଫ୍ରାନ୍ସର ମାର୍କେଟ ରିସର୍ଚ୍ଚ କମ୍ପାନୀ ଆଇପିଏସଓଏସର ଅଧ୍ୟୟନ ଅନୁଯାୟୀ, ରିଲ୍ସ ଜେନ୍ ଜେଡ୍ ପାଇଁ ଶର୍ଟ-ଫର୍ମ ଭିଡିଓର ପ୍ରମୁଖ ପ୍ଲାଟଫର୍ମ ହୋଇଯାଇଛି । ବ୍ୟୁଟି, ଫ୍ୟାଶନ, ଫିଟନେସ, କମେଡି ଏବଂ ସ୍ପୋର୍ଟ୍ସ ଭଳି କଣ୍ଟେଣ୍ଟର ଲୋକପ୍ରିୟତା ସହିତ ରିଲ୍ସର ଏବେ ପ୍ରୋଡକ୍ଟ ଡିସକଭରି ଏବଂ ଶପିଙ୍ଗକୁ ମଧ୍ୟ ପ୍ରଭାବିତ କରୁଛି । ଆଜିର ସମୟରେ ସୋସିଆଲ୍ ମିଡିଆ କେବଳ ଲୋକମାନଙ୍କ ସହ ଯୋଡ଼ିହେବା କିମ୍ବା ଟାଇମପାସ୍ କରିବାର ମାଧ୍ୟମ ହୋଇ ରହିନାହିଁ । ବିଶେଷକରି ଜେନ୍ ଜେଡ୍ ପାଇଁ ଶର୍ଟ ଭିଡିଓ ଏବେ ଦୈନନ୍ଦିନ ଡିଜିଟାଲ ଜୀବନର ଏକ ବଡ଼ ଅଂଶ ହୋଇସାରିଛି । କ'ଣ ଦେଖିବାକୁ ହେବ, କ'ଣ ଟ୍ରେଣ୍ଡ କରୁଛି, କେଉଁ କ୍ରିଏଟରଙ୍କୁ ଫଲୋ କରିବାକୁ ହେବ କିମ୍ବା କେଉଁ ପ୍ରଡକ୍ଟ କିଣିବାକୁ ହେବ- ଏହି ନିଷ୍ପତ୍ତିଗୁଡ଼ିକ ଉପରେ ମଧ୍ୟ ଭିଡିଓ କଣ୍ଟେଣ୍ଟର ପ୍ରଭାବ ଖୁବ ଦ୍ରୁତ ଗତିରେ ବଢୁଛି । ଭାରତରେ ଏହି ପରିବର୍ତ୍ତନ ଏବେ ସହରଗୁଡ଼ିକରୁ ବାହାରି ଛୋଟ ସହର ଏବଂ ଗାଁଗୁଡ଼ିକ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚିସାରିଛି ।

'ମେଟା' ପକ୍ଷରୁ କରାଯାଇଥିବା ଆଇପିଏସଓଏସର ନୂଆ ଅଧ୍ୟୟନରୁ ଜଣାପଡ଼ିଛି ଯେ ସାରା ଦେଶରେ ଭିଡିଓ ଏବେ କଣ୍ଟେଣ୍ଟ ଦେଖିବାର ସବୁଠାରୁ ସାଧାରଣ ଉପାୟ ହୋଇଯାଇଛି । ସେଠାରେ ରିଲ୍ସ ଭାରତରେ ନୂଆ ଜିନିଷ ଖୋଜିବା, କଲଚର ସହ ଯୋଡ଼ିହେବା, କ୍ରିଏଟରମାନଙ୍କ କଣ୍ଟେଣ୍ଟ ଦେଖିବା ଏବଂ ଶପିଂ ସହ ଯୋଡ଼ିହେବାର ଏକ ପ୍ରମୁଖ ମାଧ୍ୟମ ହୋଇଯାଇଛି । ରିପୋର୍ଟ ଅନୁଯାୟୀ, ଭାରତରେ ଭିଡିଓ ଦେଖିବା କ୍ଷେତ୍ରରେ ଅର୍ବନ ଏବଂ ରୁରାଲ ଅଞ୍ଚଳ ମଧ୍ୟରେ ଥିବା ପାର୍ଥକ୍ୟ ପ୍ରାୟ ଶେଷ ହୋଇଯାଇଛି । ସହରଗୁଡ଼ିକରେ ୯୮% ଏବଂ ଗ୍ରାମୀଣ ଅଞ୍ଚଳରେ ୯୪% ଲୋକ ପ୍ରତିଦିନ ଭିଡିଓ ଦେଖନ୍ତି । ଅର୍ଥାତ୍ ଭିଡିଓ-ଫର୍ଷ୍ଟ ସଂସ୍କୃତିକୁ ବଡ଼ ସହରଗୁଡ଼ିକ ସହିତ ଛୋଟ ସହର ଏବଂ ଗାଁଗୁଡ଼ିକ ମଧ୍ୟ ଦ୍ରୁତ ଗତିରେ ଆପଣାଉଛନ୍ତି । ଜେନ ଜେଡ ପାଇଁ ରିଲ୍ସ ଛୋଟ ଭିଡିଓ ପାଇଁ ଏକ ପ୍ରମୁଖ ଏବଂ ପସନ୍ଦିତ ପ୍ଲାଟଫର୍ମ ପାଲଟିଛି । ଜେନ ଜେଡର ୮୯% ଲୋକ ପ୍ରତିଦିନ ରିଲରେ ବିବିଧ ବିଷୟବସ୍ତୁ, ସଂସ୍କୃତି ଏବଂ କ୍ରିଏଟର ଦେଖନ୍ତି ଏବଂ ଆବିଷ୍କାର କରନ୍ତି । ସୌନ୍ଦର୍ଯ୍ୟ ଏବଂ ମେକଅପ୍ (୫୨%), ଫ୍ୟାଶନ୍ ଏବଂ ଟ୍ରେଣ୍ଡ୍ସ (୫୨%), ଜୀବନଶୈଳୀ ଏବଂ ଫିଟନେସ୍ (୪୨%), କମେଡି (୩୯%) ଏବଂ କ୍ରୀଡା (୩୮%) ଭାରତରେ ସବୁଠାରୁ ଅଧିକ ପସନ୍ଦ କରାଯାଇଥିବା ରିଲ୍ସ ।

ରିଲ୍‌ଗୁଡ଼ିକ ଆଉ କେବଳ ମନୋରଞ୍ଜନର ଏକ ଉତ୍ସ ନୁହେଁ, ବରଂ ଉତ୍ପାଦ ଆବିଷ୍କାର ଏବଂ କ୍ରୟ ନିଷ୍ପତ୍ତିକୁ ମଧ୍ୟ ପ୍ରଭାବିତ କରୁଛି । ରିପୋର୍ଟ ଅନୁଯାୟୀ, ରିଲ୍ସ ମାଧ୍ୟମରେ କୌଣସି ଉତ୍ପାଦ ଆବିଷ୍କାର ହେବାର ସମ୍ଭାବନା ୮୧% ଅଧିକ, ଯେତେବେଳେ କ୍ରୟ ନିଷ୍ପତ୍ତି ଉପରେ ଏହାର ପ୍ରଭାବ ୪୭% ଅଧିକ । ଏହି ପରିବର୍ତ୍ତନକୁ ବୁଝିବା ପାଇଁ କରାଯାଇଥିବା ଅଧ୍ୟୟନରେ ମେଟ୍ରୋ, ଟାୟାର-୨, ଟାୟାର-୩ ସହର ଏବଂ ଗ୍ରାମୀଣ ଭାରତ ସମେତ ୨୩ଟି ସହରର ୪,୦୦୦ରୁ ଅଧିକ ଲୋକଙ୍କୁ ସାମିଲ କରାଯାଇଥିଲା । ଅଧ୍ୟୟନ ଅନୁଯାୟୀ, ଭାରତରେ ସର୍ବେକ୍ଷଣ କରାଯାଇଥିବା ଉପଭୋକ୍ତାମାନଙ୍କ ମଧ୍ୟରୁ ଅତି କମରେ ୯୭% ପ୍ରତିଦିନ ମେଟାର ପ୍ଲାଟଫର୍ମରେ ଭିଡିଓ ଦେଖନ୍ତି । ଏହି ସଂଖ୍ୟା ଜେନ ଜେଡରେ ୯୭%, ମହିଳାଙ୍କରେ ୯୭% ଏବଂ ଏନସିସିଲସ୍ଏ ଶ୍ରେଣୀକରେ ୯୮% । ଏହି ସଂଖ୍ୟାଗୁଡ଼ିକ ଦର୍ଶାଉଛି ଯେ ବିଭିନ୍ନ ପ୍ରକାରର ଉପଭୋକ୍ତାଙ୍କ ମଧ୍ୟରେ ଭିଡିଓର ପହଞ୍ଚ କେତେ ବ୍ୟାପକ ହୋଇଛି । ଏହି ପରିବର୍ତ୍ତନ ମଧ୍ୟରେ, ରିଲ୍ସର ଭୂମିକା ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ନୂତନ ପିଢ଼ିର ଉପଭୋକ୍ତାମାନଙ୍କ ପାଇଁ ରିଲ୍ସ ଏବେ ଛୋଟ ଭିଡିଓ ଦେଖିବା ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ପାଲଟିଛି ।



# ଆପ ଦୂର କରିବ ରାସ୍ତା ସମସ୍ୟା

**ଅନେକ ସମୟରେ ସହରରେ ଖାଲଖମା ଦେଖିବାକୁ ମିଳେ, ଯାହା ବିଭିନ୍ନ ସମୟରେ ଦୁର୍ଘଟଣାର କାରଣ ପାଲଟିଥାଏ । ତେବେ ଏହାର ସମାଧାନ ପାଇଁ ସବୁବେଳେ ସ୍ଥାନୀୟ ପ୍ରଶାସନ ଉପରେ ନିର୍ଭର କରିବାକୁ ପଡେ । ହେଲେ ବାଙ୍ଗାଲୁରର ଜଣେ ବ୍ୟକ୍ତି ଏହି ସମସ୍ୟାର ଏକ ସରଳ ସମାଧାନ କାଢିଛନ୍ତି । ଆସନ୍ତୁ ଜାଣିବା ଏହି ସମାଧାନ ସମ୍ପର୍କରେ ।**

ବର୍ଷା ଦିନେ ରାସ୍ତାରେ ଥିବା ଖାଲରେ ପାଣି ଜମାହେବା ଫଳରେ ଖାଲଖମାଗୁଡ଼ିକର ଗଭୀରତା ଜଣାପଡ଼େ ନାହିଁ । ଯାହା ଗାଡ଼ି ଚାଳକ ଏବଂ ବିଶେଷ କରି ଦୁଇଚକିଆ ଯାନ ଆରୋହୀଙ୍କ ପାଇଁ ଗୁରୁତର ଦୁର୍ଘଟଣାର କାରଣ ସାଜିଥାଏ । ଏହି ଦୈନନ୍ଦିନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବେଙ୍ଗାଲୁରୁର ସଫ୍ଟୱେର୍ ଇଞ୍ଜିନିୟର ଗୌରବ ସେନ୍ 'ପଟ୍‌ହୋଲ୍ ରିପୋର୍ଟର' ନାମକ ଏକ ନୂତନ ମୋବାଇଲ୍ ଆପ୍ ପ୍ରସ୍ତୁତ କରିଛନ୍ତି । ନିଜ ଗର୍ଭବତୀ ସ୍ତ୍ରୀଙ୍କୁ ଡାକ୍ତରଖାନା ନେବା ଆଣିବା ସମୟରେ ଖରାପ ରାସ୍ତାର ଯନ୍ତ୍ରଣା ଅନୁଭବ କରିବା ପରେ ଗୌରବ ଏହି ଆପ୍ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ । ମାତ୍ର ୪ ଏମ୍‌ବି ବିଶିଷ୍ଟ ଏହି ଆପ୍‌ଟିକୁ ସେ ବିନା କୌଣସି ଆର୍ଥିକ ଅନୁଦାନ କିମ୍ବା ବଡ଼ ଦଳର ସହାୟତାରେ ମାତ୍ର ଗୋଟିଏ ଦିନ ମଧ୍ୟରେ ତିଆରି କରିଛନ୍ତି । ଏହି ଆପ୍‌ର କାର୍ଯ୍ୟପ୍ରଣାଳୀ ଅତ୍ୟନ୍ତ ସହଜ; ଗାଡ଼ିରେ ମୋବାଇଲ୍ ଫୋନ୍‌ଟିକୁ ଷ୍ଟାଣ୍ଡରେ ରଖି ଗାଡ଼ି ଚଳାଇବା ସମୟରେ, ଫୋନ୍‌ର କ୍ୟାମେରା, ଜିପିଏସ୍ ଏବଂ ସେନ୍ସର୍ ସାହାଯ୍ୟରେ ରାସ୍ତାରେ ଥିବା ଖାଲଗୁଡ଼ିକର ଚିତ୍ର ଓ ସଠିକ୍ ସ୍ଥାନ ସ୍ୱତଃ ପ୍ରବୃତ୍ତ ଭାବେ ରେକର୍ଡ ହୋଇଥାଏ । ଏହା ପରେ ଏହି ଆପ୍ ସରକାରୀ ଚୁକ୍ତିପତ୍ରର ତଥ୍ୟାବଳୀ ଅନୁସନ୍ଧାନ କରି ସମ୍ପୃକ୍ତ ରାସ୍ତା ନିର୍ମାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ନାମ ଓ ବିବରଣୀ ଖୋଜି ବାହାର କରିଥାଏ । ଏହାପରେ ଖାଲର ଫଟୋ, ସ୍ଥାନ ଓ ଠିକାଦାରଙ୍କ ତଥ୍ୟ ସହ ଏକ ଆନୁଷ୍ଠାନିକ ଅଭିଯୋଗ ପ୍ରସ୍ତୁତ କରେ । ସରକାରୀ ତଥ୍ୟ ଅନୁଯାୟୀ, ୨୦୨୩ ମସିହାରେ ଭାରତରେ ରାସ୍ତା ଖାଲ ଯୋଗୁଁ ୫,୮୪୦ଟି ସଡ଼କ ଦୁର୍ଘଟଣା ଘଟିବା ସହ ୨,୧୬୧ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ । ବର୍ତ୍ତମାନ ଏହି ଆପ୍‌ଟି ପ୍ରାରମ୍ଭିକ ପରୀକ୍ଷାମୂଳକ ପର୍ଯ୍ୟାୟରେ ରହିଛି ଏବଂ ସେପ୍ଟେମ୍ବର ମାସରେ ଗୁଗଲ୍ ପ୍ଲେ ଷ୍ଟୋର୍‌ରେ ଉପଲବ୍ଧ ହେବାର ସମ୍ଭାବନା ରହିଛି । ବେଙ୍ଗାଲୁରୁ ଡେଭେଲପ୍‌ମେଣ୍ଟ ଅଥୋରିଟି ମଧ୍ୟ ଏହି ପ୍ରଯୁକ୍ତିବିଦ୍ୟାକୁ ନିଜର ସରକାରୀ ବ୍ୟବସ୍ଥା ସହ ଯୋଡ଼ିବା ପାଇଁ ଆଗ୍ରହ ପ୍ରକାଶ କରିଛି । କେବଳ ସମସ୍ୟାର ଚିହ୍ନଟ ନୁହେଁ, ବରଂ ଦାୟୀ ବ୍ୟକ୍ତିଙ୍କୁ ଚିହ୍ନଟ କରି ରାସ୍ତା ମରାମତି ପ୍ରକ୍ରିୟାକୁ ଅଧିକ ଉତ୍ତରଦାୟୀ କରିବା ଏହି ନବସୃଜନର ମୂଳ ଲକ୍ଷ୍ୟ । ଏହି ଆପ ସାହାଯ୍ୟରେ ଅନେକ ଲୋକଙ୍କୁ ସୁବିଧା ମିଳିବବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି ।







# ଅଳସୁଆ ବିଲୁଆ

ଘଞ୍ଚ ଓ ସୁନ୍ଦର ଜଙ୍ଗଲର ବିଶାଳ ବରଗଛ ଛାଇରେ ପ୍ରତିଦିନ ଭଳି ସେଦିନ ବି ଚାଲାକ୍ ବିଲୁଆଟି ଆଳସ୍ୟରେ ଗଡ଼ପଡ଼ ହେଉଥିଲା । ଜଙ୍ଗଲର ଅନ୍ୟ ସମସ୍ତ ପଶୁପକ୍ଷୀ ପ୍ରଭାତରୁ ଉଠି ନିଜ ନିଜର ଆହାର ଯୋଗାଡ଼ରେ ଅକ୍ଲାନ୍ତ ପରିଶ୍ରମ କରୁଥିବା ବେଳେ, ଏହି ବିଲୁଆଟି କେବଳ ଭାବୁଥିଲା କିପରି ବିନା ପରିଶ୍ରମରେ ଅନ୍ୟକୁ ଠକି ସହଜରେ ପେଟ ପୁରାଇପାରିବ । ଦିନେ ସେ ଏକ କପଟ ବୁଦ୍ଧି ପାଞ୍ଚି ଗଛ ମୂଳେ ଆଖି ବୁଜି ଗୁରୁତର ଅସୁସ୍ଥ, ଦୁର୍ବଳ ଓ ଅସହାୟ ଭାବେ ପଡ଼ିରହିବାକୁ ନିଷ୍ପତ୍ତି ନେଲା । ତା'ର ଆଶା ଥିଲା ଯେ କୌଣସି ଦୟାଳୁ ପଶୁ ତା'ର ଏହି ଶୋଚନୀୟ ଅବସ୍ଥା ଦେଖି ଦୟାପରବଶ ହୋଇ ଖାଦ୍ୟ ଆଣି ଦେବ । କିମ୍ବା କୌଣସି ଅସାବଧାନ ଶିକାର ନିକଟକୁ ଆସିଗଲେ ସେ ତାକୁ ତୁରନ୍ତ ଝାମ୍ପି ନେବ । କିନ୍ତୁ ବିଲୁଆର ବାରମ୍ବାର କପଟତା ଓ ଅଳସୁଆ ସ୍ୱଭାବ ବିଷୟରେ ଜଙ୍ଗଲର ପ୍ରତ୍ୟେକ ଜନ୍ତୁ ଆଗରୁ ଭଲ ଭାବରେ ଜାଣିସାରିଥିଲେ । ତେଣୁ କେହି ଜଣେ ହେଲେ ବି ତା'ର ଏହି ମିଥ୍ୟା ଅସୁସ୍ଥତାକୁ ବିଶ୍ୱାସ ନକରି ନିଜ ନିଜ ବାଟରେ ଚାଲିଗଲେ । ଦିନ ଗଡି ସନ୍ଧ୍ୟା ହେଲା, ମାତ୍ର କେହି ଜଣେ ହେଲେ ବି ତାକୁ ଆହାର ଦେବାକୁ ଆସିଲେ ନାହିଁ । ଦୀର୍ଘ ସମୟ ବିନା ଆହାରରେ ପଡ଼ିରହି ଭୋକ, ଶୋଷରେ ଛଟପଟ ହେବା ପରେ ବିଲୁଆଟି ଶେଷରେ ମର୍ମେ ମର୍ମେ ବୁଝିପାରିଲା ଯେ କେବଳ ଚାଲାକି, ମିଥ୍ୟାର ଆଶ୍ରୟ ଓ ଅଳସୁଆମି ଦ୍ୱାରା କଦାପି ପେଟ ପୁରେନାହିଁ କିମ୍ବା ସଫଳତା ମିଳେନାହିଁ । ନିଜର ଗୁରୁତର ଭୁଲ୍ ଅନୁତାପ କରି ସେ ବାଧ ହୋଇ ନିଜ ଗୋଡ଼ରେ ଛିଡ଼ା ହେଲା ଏବଂ କଠିନ ପରିଶ୍ରମ କରି ଆହାର ଖୋଜିବାକୁ ବାହାରିଲା । ଯାହା ତାକୁ ସଦାସର୍ବଦା ପାଇଁ ଏହି ମୂଲ୍ୟବାନ୍ ଶିକ୍ଷା ଦେଲା ଯେ ଅଳସୁଆମି ମଣିଷର ସବୁଠାରୁ ବଡ଼ ଶତ୍ରୁ ଏବଂ ନିଜର ସଚ୍ଚୋଟ ପରିଶ୍ରମ ହିଁ ପ୍ରକୃତ ସଫଳତା, ସମ୍ମାନ ଓ ଜୀବନର ସବୁଠାରୁ ବଡ଼ ସମ୍ବଳ ।

**ଆଇମାଆ କାହାଣୀ ପେଡିରେ ଅନେକ ଏଭଳି ଗଳ୍ପ ଥାଏ କି ଯେଉଁଗୁଡ଼ିକ ଆମକୁ ଅନେକ ନୀତି ଶିକ୍ଷା ଦେଇଥାଆନ୍ତି । ଜୀବନରେ ଆମେ ସେଗୁଡ଼ିକର ଖୁବ ବ୍ୟବହାର କରିବା ସହିତ ଅନେକ ବିପଦରୁ ରକ୍ଷା ମଧ୍ୟ ପାଇଥାଉ । ସେହିଭଳି ଏକ ଗଳ୍ପ ହେଲା ଅଳସୁଆ ବିଲୁଆ ।**





# ସୁନ୍ଦରଗଡ଼ର 'ଖାସି ହକି'

**ହକି କେବଳ ଏକ ଖେଳ ନୁହେଁ। ଏହା ଗାଁର ଉତ୍ସବ, ଯୁବପିଢ଼ିର ସ୍ୱପ୍ନ ଏବଂ ପିଢ଼ି ପରେ ପିଢ଼ି ଚାଲିଆସୁଥିବା ଏକ ଜୀବନଶୈଳୀ। ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ହକିର ଏହି ଗଭୀରତାକୁ ବୁଝିବାକୁ ହେଲେ 'ଖାସି ହକି'ର କାହାଣୀ ଜାଣିବା ଦରକାର। ଯେଉଁଠି ଗୋଟିଏ ସମୟରେ ବିଜେତା ଦଳକୁ ଟ୍ରଫି କିମ୍ବା ବଡ଼ ନଗଦ ପୁରସ୍କାର ନୁହେଁ, ଏକ ଛେଳି ଦିଆଯାଉଥିଲା। ସେହି ଛେଳିକୁ ନେଇ ଗାଁରେ ହେଉଥିଲା ବିଜୟ ଉତ୍ସବ। ଏହି ପରମ୍ପରାରୁ ଜନ୍ମ ନେଇଥିଲା ଖାସି କପ୍।**

-ଶକ୍ତି ପ୍ରକାଶ ନନ୍ଦ, (ସମୟ)

'ଖାସି' ଓଡ଼ିଆରେ ଛେଳିକୁ ବୁଝାଏ। ସୁନ୍ଦରଗଡ଼ର ଆଦିବାସୀ ଅଞ୍ଚଳରେ ଦଶନ୍ଧି ଦଶନ୍ଧି ଧରି ଗାଁ ଗାଁ ମଧ୍ୟରେ ହକି ପ୍ରତିଯୋଗିତା ହୋଇଆସୁଛି। ଏହା କୌଣସି ଗୋଟିଏ ବାର୍ଷିକ ଟୁର୍ଣ୍ଣାମେଣ୍ଟରେ ସୀମିତ ନୁହେଁ, ବର୍ଷର ବିଭିନ୍ନ ସମୟରେ ଜିଲ୍ଲାର ବିଭିନ୍ନ ଗାଁରେ ଏଭଳି ପ୍ରତିଯୋଗିତା ହୁଏ। ସୁନ୍ଦରଗଡ଼ରେ ହକି କେବେ ଏବଂ କିପରି ପ୍ରବେଶ କଲା, ତାହାର ସଠିକ୍ ଲିଖିତ ଦଲିଲ ନଥିଲେ ମଧ୍ୟ ସ୍ଥାନୀୟ ଲୋକକଥା ଓ ବିଭିନ୍ନ ରିପୋର୍ଟ ଅନୁଯାୟୀ ୧୯ଶ ଶତାବ୍ଦୀରେ ୟୁରୋପୀୟ ଖ୍ରୀଷ୍ଟିଆନ୍ ମିଶନାରୀମାନଙ୍କ ମାଧ୍ୟମରେ ଏହି ଖେଳ ଅଞ୍ଚଳକୁ ଆସିଥିବା କୁହାଯାଏ। ମିଶନାରୀମାନେ ସ୍ଥାପନ କରିଥିବା ସ୍କୁଲଗୁଡ଼ିକରେ ହକି ଖେଳାଯାଉଥିଲା। ଧୀରେ ଧୀରେ ଏହା ସ୍କୁଲର ଖେଳ ରହିଲା ନାହିଁ; ଆଦିବାସୀ ସମାଜର ନିଜସ୍ୱ ଖେଳ ଓ ସଂସ୍କୃତିର ଅଂଶ ହୋଇଗଲା। ସେତେବେଳେ ଆଜିର ଭଳି ଦାମୀ ହକି ଷ୍ଟିକ୍, ବଲ୍, ଜର୍ସି କିମ୍ବା ସୁବିଧା ନଥିଲା। ଗଛର ଡାଳ କିମ୍ବା ବାଉଁଶକୁ କାଟି ଷ୍ଟିକ୍ ତିଆରି ହେଉଥିଲା। ବଲ୍ ଭାବେ ବ୍ୟବହାର ହେଉଥିଲା ଫଳ କିମ୍ବା ହାତରେ ତିଆରି ଜିନିଷ। ଖାଲି ପାଦରେ, ଅସମତଳ ମାଟିରେ ଚାଲୁଥିଲା ଖେଳ। କିନ୍ତୁ ଖେଳର ଉତ୍ସାହରେ କୌଣସି ଅଭାବ ନଥିଲା। ଏହି ସରଳତା ହିଁ ହକିକୁ ଲୋକଙ୍କ ନିକଟତର କରିଥିଲା। ଖେଳିବା ପାଇଁ ବଡ଼ ଷ୍ଟାଡିୟମ୍ ଦରକାର ନଥିଲା। ଗାଁର ଖୋଲା ପଡ଼ିଆ ହିଁ ଥିଲା ଷ୍ଟାଡିୟମ୍, ବାଉଁଶ ଷ୍ଟିକ୍ ହିଁ ଥିଲା ସାଜସଜ୍ଜା ଏବଂ ଗାଁର ଲୋକମାନେ ହିଁ ଥିଲେ ଦର୍ଶକ।

'ଖାସି ହକି'ର ସବୁଠାରୁ ବଡ଼ ବିଶେଷତା ଥିଲା ଏହାର ପୁରସ୍କାର। ବିଜେତା ଦଳକୁ ମିଳୁଥିଲା ଏକ ଛେଳି। ଆଜିର ଦୃଷ୍ଟିରେ ଏହା ଅସାଧାରଣ ଲାଗିପାରେ, କିନ୍ତୁ ସେତେବେଳେ





ଏହା ଗାଁ ପାଇଁ ଏକ ବଡ଼ ସମ୍ମାନ ଥିଲା। ବିଜେତା ଦଳ ଛେଳିକୁ ଗାଁକୁ ନେଇ ଫେରୁଥିଲା ଏବଂ ପରେ ଏହାକୁ ନେଇ ସମୂହ ଭୋଜିର ଆୟୋଜନ ହେଉଥିଲା। ଖେଳାଳିମାନେ ହୋଇଯାଉଥିଲେ ଗାଁର ହିରୋ। କେତେକ ସ୍ଥାନରେ ଏହି ପୁରସ୍କାର ପରମ୍ପରାରେ ପରିବର୍ତ୍ତନ ମଧ୍ୟ ଆସିଛି। ଛେଳି ସହ ଟଙ୍କା ଓ ଟ୍ରଫି ଦିଆଯାଉଛି। କେତେକ ଟୁର୍ଣ୍ଣାମେଣ୍ଟରେ ରନର୍ସଅପ୍‌ଙ୍କୁ କୁକୁଡ଼ା ଦିଆଯାଇଥିବା ଉଦାହରଣ ମଧ୍ୟ ରହିଛି। ଛୋଟ ପିଲାଙ୍କ ପ୍ରତିଯୋଗିତାରେ ଅଣ୍ଡା କିମ୍ବା ନଡ଼ିଆ ପର୍ଯ୍ୟନ୍ତ ପୁରସ୍କାର ହେଉଥିବା କଥା ସ୍ଥାନୀୟ ରିପୋର୍ଟରେ ଉଲ୍ଲେଖ ହୋଇଛି।

ସୁନ୍ଦରଗଡ଼ର ଗ୍ରାମୀଣ ହକିର ଆଉ ଏକ ବଡ଼ ବିଶେଷତା ହେଉଛି ଦର୍ଶକଙ୍କ ଉତ୍ସାହ। ଏଠାରେ ଗାଁର ହକି ମ୍ୟାଚ୍ କେବଳ ଖେଳାଳିଙ୍କ ମଧ୍ୟରେ ରହେ ନାହିଁ। ପୂରା ଗାଁ ତାହାର ଅଂଶ ହୋଇଯାଏ। ମ୍ୟାଚ୍ ଥିବା ଦିନ ଲୋକେ ନିଜ କାମ ଆଗୁଆ କରିଦିଅନ୍ତି। ଚାଷ କାମ ଶେଷ କରି ଲୋକମାନେ ପଡ଼ିଆ ଆଡ଼କୁ ଧାଇଁଯାଆନ୍ତି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଗାଁର ଫାଇନାଲ୍ ମ୍ୟାଚ୍ ଦେଖିବାକୁ ୩,୦୦୦ରୁ ୪,୦୦୦ ପର୍ଯ୍ୟନ୍ତ ଲୋକ ଏକାଠି ହେବା ଅସାଧାରଣ ଘଟଣା ନୁହେଁ। ଏଠାରେ ହକି ଦେଖିବା ମଧ୍ୟ ଏକ ଉତ୍ସବ। ଖେଳାଳିମାନେ ପଡ଼ିଆକୁ ପ୍ରବେଶ କଲେ ଦର୍ଶକଙ୍କ ଉତ୍ସାହ ଆକାଶଛୁଆଁ ହୋଇଯାଏ। ଗୋଟିଏ ଗୋଲ୍ କେବଳ ଗୋଟିଏ ଦଳର ସ୍କୋର୍ ନୁହେଁ, ଏହା ଗୋଟିଏ ଗାଁର ଆନନ୍ଦର କାରଣ ହୋଇଯାଏ।

## ଖାସି କପ୍‌ରୁ ଜାତୀୟ ଦଳ ପର୍ଯ୍ୟନ୍ତ

ସୁନ୍ଦରଗଡ଼ର ଅନେକ ନାମୀ ହକି ଖେଳାଳିଙ୍କ ଯାତ୍ରା ଏହି ଗ୍ରାମୀଣ ହକି ପଡ଼ିଆରୁ ଆରମ୍ଭ ହୋଇଛି। ଦିଲୀପ ତିର୍କୀ, ଇଗ୍ନେସ୍ ତିର୍କୀ, ଲାଜରୁସ୍ ବାର୍ଲା, ପ୍ରବୋଧ ତିର୍କୀ, ବିରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ନୀଲମ ସଞ୍ଜୀପଙ୍କ ଭଳି ଖେଳାଳିମାନେ ସୁନ୍ଦରଗଡ଼ର ହକି ପରମ୍ପରାକୁ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ପହଞ୍ଚାଇଛନ୍ତି। ସମୟ ବଦଳିଛି। ଖେଳର ନିୟମ ବଦଳିଛି। ପଡ଼ିଆ ବଦଳିଛି। ଗାଁର ଅନେକ ଯୁବକ-ଯୁବତୀ ଆଜି ଆଧୁନିକ ହକି ଷ୍ଟିକ୍ ନେଇ ଖେଳୁଛନ୍ତି। ଅନେକ ସ୍ଥାନରେ ଆସିଛି ଭଲ ପଡ଼ିଆ ଓ ଆଧୁନିକ ଭିତ୍ତିଭୂମି। ନଗଦ ପୁରସ୍କାର ଓ ଟ୍ରଫି ମଧ୍ୟ ଅନେକ ଟୁର୍ଣ୍ଣାମେଣ୍ଟର ଅଂଶ ହୋଇଛି। ତଥାପି 'ଖାସି ହକି'ର ମୂଳ ଆତ୍ମା ହଜିଯାଇନାହିଁ। ଏହି ପରମ୍ପରାର ମହତ୍ତ୍ୱ କେବଳ ପୁରସ୍କାରରେ ନୁହେଁ। ଏହା ଗାଁର ଲୋକଙ୍କୁ ଏକାଠି କରେ, ଯୁବପିଢ଼ିକୁ ଖେଳ ସହ ଯୋଡ଼ିଥାଏ ଏବଂ ନୂଆ ପ୍ରତିଭାଙ୍କୁ ନିଜକୁ ପ୍ରମାଣ କରିବାର ମଞ୍ଚ ଦିଏ। ଏକ ଛେଳି ପାଇଁ ଆରମ୍ଭ ହୋଇଥିବା ଗାଁର ଏହି ଛୋଟ ଛୋଟ ମ୍ୟାଚ୍ ଅନେକ ଯୁବକଙ୍କୁ ଦିନେ ଭାରତୀୟ ଜର୍ସି ପିନ୍ଧିବାର ସ୍ୱପ୍ନ ଦେଖାଇଛି।

ସୁନ୍ଦରଗଡ଼କୁ ଆଜି ଭାରତୀୟ ହକିର ଅନ୍ୟତମ ପ୍ରମୁଖ କେନ୍ଦ୍ର ଭାବେ ଦେଖାଯାଏ। ଏହି ପରିଚୟ ପଛରେ କେବଳ ଆଧୁନିକ ଷ୍ଟାଡିୟମ୍ କିମ୍ବା ଏକାଡେମୀର ଅବଦାନ ନାହିଁ। ରହିଛି ଗାଁର ମାଟି, ବାଉଁଶ ଷ୍ଟିକ୍, ଖାଲିପାଦର ଖେଳ, ହଜାର ହଜାର ଦର୍ଶକ ଏବଂ 'ଖାସି କପ' ଅନନ୍ୟ ପରମ୍ପରା। ଏଠାରେ ଜଣେ ପିଲା ହକି ଷ୍ଟିକ୍ ଧରିବା ପୂର୍ବରୁ ହୁଏତ ଖେଳର ନିୟମ ଜାଣିନଥାଏ। କିନ୍ତୁ ସେ ଜାଣେ- ଗାଁର ପଡ଼ିଆରେ ହକି ଖେଳାଯାଏ, ଫାଇନାଲ୍ ମ୍ୟାଚ୍ ଦେଖିବାକୁ ସମସ୍ତେ ଆସନ୍ତି ଏବଂ ଜିତିଲେ ସମଗ୍ର ଗାଁ ଉତ୍ସବ ପାଳନ କରେ। ସେହି କାରଣରୁ ସୁନ୍ଦରଗଡ଼ର 'ଖାସି ହକି' କେବଳ ଛେଳିକୁ ପୁରସ୍କାର ଭାବେ ଦେଉଥିବା ଏକ ଟୁର୍ଣ୍ଣାମେଣ୍ଟର ନାମ ନୁହେଁ, ଏହା ହେଉଛି ଗାଁର ହକି ପ୍ରତି ଭଲପାଇବାର ପ୍ରତୀକ। ଏକ ଏମିତି ପରମ୍ପରା, ଯାହାର ମାଟିରୁ ଅନେକ ପ୍ରତିଭା ଉଠି ଭାରତୀୟ ହକିର ଆକାଶରେ ନିଜ ନାମ ଲେଖିଛନ୍ତି।




ଏହି ଖାସି ଟୁର୍ଣ୍ଣାମେଣ୍ଟଗୁଡ଼ିକ ହିଁ ସୁନ୍ଦରଗଡ଼ର ହକିକୁ ଜୀବନ୍ତ ରଖିଛି। ଗାଁରେ ନିୟମିତ ମ୍ୟାଚ୍ ଖେଳିବା ଫଳରେ ଯୁବ ଖେଳାଳିମାନେ ନିଜ ଦକ୍ଷତା ପ୍ରମାଣ କରିବାର ସୁଯୋଗ ପାଆନ୍ତି। ଏହି ଗ୍ରାମୀଣ ଭିତ୍ତିକୁ ପରେ ଆଧୁନିକ ପ୍ରଶିକ୍ଷଣ ବ୍ୟବସ୍ଥା ଆହୁରି ଶକ୍ତିଶାଳୀ କରିଥିଲା। ୧୯୮୫ରେ ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ୍ ସ୍ଥାପନ ଏବଂ ପରବର୍ତ୍ତୀ ସମୟରେ ସାଇ ଓ ସେଲର ହକି ଏକାଡେମୀ ଗଠନ ଯୁବ ପ୍ରତିଭାଙ୍କୁ ଉଚ୍ଚସ୍ତରୀୟ ପ୍ରଶିକ୍ଷଣର ସୁଯୋଗ ଦେଇଛି।

**-ଦିଲୀପ ତିର୍କୀ**
ପୂର୍ବତନ ଭାରତୀୟ ହକି ଅଧିନାୟକ





# ରେକର୍ଡବୁକ୍‌ରେ ସବିତା

**ଗୋଲକିପର ସବିତା ପୁନିଆ ନିକଟରେ ଭାରତୀୟ ମହିଳା ହକିର ପୂର୍ବତନ ଫରୱାର୍ଡ ଖେଳାଳି ବନ୍ଦନା କାଟାରିଆଙ୍କ ୩୨୦ଟି ସିନିୟର ଅନ୍ତର୍ଜାତୀୟ ମ୍ୟାଚ୍‌ର ରେକର୍ଡ ଭାଙ୍ଗି ଇତିହାସରେ ସବୁଠାରୁ ଅଧିକ ମ୍ୟାଚ୍ ଖେଳିଥିବା (ମୋଷ୍ଟ୍-କ୍ୟାପ୍‌ଡ୍) ଭାରତୀୟ ମହିଳା ହକି ଖେଳାଳି ହେବାର ଗୌରବ ହାସଲ କରିଛନ୍ତି । ଯାହାପରେ ତାଙ୍କୁ ନେଇ ସବୁସ୍ଥାନରେ ଚର୍ଚ୍ଚା ଜୋର ଧରିଛି ।**




ହରିୟାଣାର ସିରସା ଜିଲ୍ଲା ଅନ୍ତର୍ଗତ ଯୋଧକାନ୍ ଗ୍ରାମରେ ୧୧ ଜୁଲାଇ ୧୯୯୦ରେ ଜନ୍ମଗ୍ରହଣ କରିଥିବା ଭାରତୀୟ ମହିଳା ହକି ଟିମ୍‌ର ଅଧିନାୟିକା ତଥା ଗୋଲକିପର ସବିତା ପୁନିଆ ନିଜର ଦମଦାର ପ୍ରଦର୍ଶନ ପାଇଁ 'ଗ୍ରେଟ୍ ୱାଲ୍ ଅଫ୍ ଇଣ୍ଡିଆ' ଭାବେ ସମଗ୍ର ବିଶ୍ୱରେ ପରିଚିତ । ଜେଜେବାପା ମହିନ୍ଦର ସିଂହଙ୍କ ପ୍ରେରଣାରେ ହକି କ୍ଷେତ୍ରରେ ପାଦ ଥାପିଥିବା ସବିତା, ପ୍ରଥମରୁ ଏହି ଖେଳ ପ୍ରତି ଖୁବ ଗମ୍ଭୀର ଥିଲେ । ସେ କୋଚ୍ ସୁନ୍ଦର ସିଂହ ଖରାବ ଓ ଆଜାଦ ସିଂହ ମଲିକଙ୍କ ମାର୍ଗଦର୍ଶନରେ ନିଜର କ୍ୟାରିୟରକୁ ଗଢିଥିଲେ । ୨୦୦୭ରେ ଜାତୀୟ କ୍ୟାମ୍ପକୁ ମନୋନୀତ ହେବା ପରେ ୨୦୦୮ରେ ନେଦରଲ୍ୟାଣ୍ଡ - ଜର୍ମାନୀ ଗସ୍ତ ଏବଂ ୨୦୧୧ରେ ସିନିୟର ଜାତୀୟ ଦଳରେ ଡେବ୍ୟୁ କରି ସେ ନିଜର ସଫଳ ଯାତ୍ରା ଆରମ୍ଭ କରିଥିଲେ । ଯେଉଁଥିରେ ୨୦୧୩ ଏସିଆ କପ୍‌ରେ ପେନାଲ୍ଟି ଶୁଟ୍ - ଆଉଟ୍ ବଞ୍ଚାଇ ବ୍ରୋଞ୍ଜ ପଦକ ଜିତାଇବା, ୨୦୧୪ ଇଞ୍ଚିଅନ୍ ଏସୀୟ କ୍ରୀଡ଼ାରେ ବ୍ରୋଞ୍ଜ, ୨୦୧୬ରେ ଜାପାନ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ସେଭ୍ କରି ୩୬ ବର୍ଷ ପରେ ରିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିଲେ । ଏହାପରେ ୨୦୧୮ ଏସିଆ କପ୍ ଫାଇନାଲ୍‌ରେ ଚୀନ୍‌କୁ ହରାଇ ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିବା ଭଳି ଏକାଧିକ ସଫଳତା ତାଙ୍କ ନାମରେ ସାମିଲ ରହିଛି । ୨୦୨୦ ଟୋକିଓ ଓଲିମ୍ପିକ୍ସରେ ତାଙ୍କର ଚମତ୍କାର ପ୍ରଦର୍ଶନ ବଳରେ ଭାରତ ଚତୁର୍ଥ ସ୍ଥାନ ହାସଲ କରି ସର୍ବଶ୍ରେଷ୍ଠ ଅଲିମ୍ପିକ୍ ସଫଳତା ପାଇଥିଲା । ଭାରତ ପାଇଁ ସବୁଠାରୁ ଅଧିକ ମ୍ୟାଚ୍ (ମୋଷ୍ଟ୍ କ୍ୟାପ୍‌ଡ୍ ପ୍ଲେୟାର) ଖେଳିବାର ଗୌରବ ବହନ କରିଥିବା ସବିତା, ସଫ୍ଟୱେର୍ ଇଞ୍ଜିନିୟର ତଥା ସଙ୍ଗୀତ ନିର୍ଦ୍ଦେଶକ ଅଙ୍କିତ ବଲହାରାଙ୍କୁ ବିବାହ କରିଛନ୍ତି । ତାଙ୍କର ଅତୁଳନୀୟ କ୍ରୀଡ଼ା ଅବଦାନ ପାଇଁ ୨୦୧୫ ଓ ୨୦୨୫ରେ ହକି ଇଣ୍ଡିଆ 'ଗୋଲକିପର ଅଫ୍ ଦି ଇୟର', ୨୦୨୫ରେ 'ପ୍ଲେୟାର ଅଫ୍ ଦି ଇୟର', ୨୦୧୮ରେ 'ଅର୍ଜୁନ ପୁରସ୍କାର' ଏବଂ ୨୦୨୬ରେ ଭାରତର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ମାନିତ ହୋଇଛନ୍ତି । ସେ ଆଜି ଦେଶର ଅନେକ ହକି ଖେଳାଳୀଙ୍କ ପାଇଁ ସେ ପ୍ରେରଣା ।